# କାଉଁରୀ

# କାମଚଣ୍ଡୀର ଦେଶେ



ଡକ୍ଟର ଜଗନ୍ନାଥ ମହାନ୍ତି

# କାଉଁରୀ କାମଚଣ୍ଡୀର ଦେଶେ

ଡକ୍ଟର ଜଗନ୍ନାଥ ମହାନ୍ତି

ପ୍ରାଚୀ ପ୍ରକାଶନ
ନୂଆଦିଲ୍ଲୀ ● ଭୁବନେଶ୍ୱର

କାଉଁରୀ କାମଚଣ୍ଡୀର ଦେଶେ

@ ଡକ୍ଟର ଜଗନ୍ନାଥ ମହାନ୍ତି, ୧୯୯୯

ଚିତ୍ର : ବ୍ରଜ କିଶୋର ଜେନା

ପ୍ରଚ୍ଛଦ : ପ୍ରଭଞ୍ଜନ ମହାନ୍ତି

ପ୍ରାଚୀ ପ୍ରକାଶନ

୨୨, ସୂର୍ଯ୍ୟକିରଣ ମାର୍କେଟ
ଶହୀଦ ନଗର
ଭୁବନେଶ୍ୱର - ୭୫୧ ୦୦୭

ମୂଲ୍ୟ : ୧୮ ଟଙ୍କା

# କାଉଁରୀ କାମଚଣ୍ଡୀର ଦେଶେ

## ଏଥିରେ ଅଛି :



| | | |
|---|---|---|
| ୧ | ଆରମ୍ଭରୁ ଅସୁବିଧା | ୫ |
| ୨ | ବୁଡ଼ିଗଲା ଗୋଡ଼ ତଳକୁ ତଳକୁ | ୭ |
| ୩ | ସୁନ୍ଦର ସବୁଜ ପରିବେଶ | ୮ |
| ୪ | ବୋଡ଼ୋ ଗଣ୍ଡଗୋଳ ଯୋଗୁ ହଇରାଣ | ୧୦ |
| ୫ | କଳାମେଘ ତଳେ ଧଳା କଇଁଫୁଲର ହାଟ | ୧୨ |
| ୬ | ସମସ୍ତେ ଯେମିତି ସ୍ୱାଗତ କଲେ | ୧୩ |
| ୭ | ଏବେ ସବୁ ଦୁଃଖ ଭୁଲି ଯା'ନ୍ତୁ | ୧୩ |
| ୮ | ଆସାମର ଅବସ୍ଥା | ୧୭ |
| ୯ | ଶଙ୍କର ଦେବ | ୧୮ |
| ୧୦ | ଲୋକମାନଙ୍କ ଚଳଣୀ | ୨୨ |
| ୧୧ | ପର୍ବପର୍ବାଣି ଓ ଧର୍ମ କାର୍ଯ୍ୟ | ୨୩ |
| ୧୨ | କାମାକ୍ଷା ଦେବୀଙ୍କ ପଥେ | ୨୬ |
| ୧୩ | ଫେରିବା ବାଟରେ ଅସୁବିଧା | ୩୨ |
| ୧୪ | ଗୌହାଟୀ ଦର୍ଶନ | ୩୩ |
| ୧୫ | କାମାକ୍ଷାପୀଠର ମହିମା | ୩୫ |
| ୧୬ | ଇତିହାସରେ କାମାକ୍ଷା | ୪୦ |
| ୧୭ | ଗୌହାଟୀରୁ ଫେରିଲି | ୪୩ |
| ୧୮ | ଦୁଇପାଖରେ କ୍ଷେତ-ଖମାର | ୪୭ |

# କାଉଁରୀ କାମଚଣ୍ଡୀର ଦେଶେ

## ଆରମ୍ଭରୁ ଅସୁବିଧା

୧୯୯୦ ଜୁଲାଇ ୩୦ ତାରିଖ । ଆସାମର ପ୍ରଧାନ ସହର ଗୌହାଟୀକୁ ଯିବା ପାଇଁ ମୋର ଭାରିମନ । ବହୁ ଦିନରୁ ଶୁଣିଥିଲି ଆସାମ କାଉଁରୀ କାମଚଣ୍ଡୀର ଦେଶ । ସେଠାକୁ ଭେଣ୍ଡାମାନେ ଯାଇ ମେଣ୍ଢା ହୋଇ ରହିଯା'ନ୍ତି । କୁହୁକ ବଳରେ ସେମାନେ ବଶ ହୋଇଯା'ନ୍ତି । ନିଜ ନିଜ ଘରକୁ ସେମାନେ ଫେରନ୍ତି ନାହିଁ । କେଡ଼େ ସୁନ୍ଦର ସେଇ ଜାଗା ! କିଏ ପୁଣି ବାହାର ଲୋକଙ୍କୁ ସେଠାରେ ବାନ୍ଧି ରଖେ !!

ଆସାମକୁ ଯିବା ପାଇଁ ଗୋଟିଏ ନିମନ୍ତ୍ରଣ ପାଇଲି । ଏଇ ସୁଯୋଗରେ ଯିବା ପାଇଁ ସ୍ଥିରକଲି । କିନ୍ତୁ ବିଭିନ୍ନ କାର୍ଯ୍ୟ ଓ ବିଭିନ୍ନ ଜଞ୍ଜାଳ । ଆସାମରେ ମଧ୍ୟ କେତେ ଗଣ୍ଡଗୋଳ ! ତା' ମଧ୍ୟରେ ଗୋଟିଏ ସିଧା ଯାଉଥିବା ଟ୍ରେନ୍‌ରେ ଯିବା ପାଇଁ ଟିକେଟ୍ କାଟିଲି । ସଂରକ୍ଷଣ ମଧ୍ୟ ମିଳିଗଲା । ମାତ୍ର ଆଜିକାଲି ଗାଡ଼ି ମଟରର ଯାହା ଅବସ୍ଥା । ସମୟରେ ଚାଲୁନାହିଁ । ସେଥିପାଇଁ ବହୁ ହଇରାଣ । ସେଦିନ ଭୋର ୫ଟାରେ ମୋର ଟ୍ରେନ୍ । ବାଙ୍ଗାଲୋର ଗୌହାଟୀ ଏକ୍ସପ୍ରେସ୍ । ରାତି ୪ଟାରୁ ଉଠି ନିତ୍ୟକର୍ମ ସାରିଦେଲି । ସାନ ପୁଅ ମିଟୁ ସାଥୀରେ ଭୁବନେଶ୍ୱର ଷ୍ଟେସନରେ ପହଞ୍ଚିଲି । ଟ୍ରେନ୍ ଠିକ୍ ସମୟରେ



ଆସୁଛି କି ନାହିଁ ବୁଝିଲାବେଳକୁ ଉତ୍ତର ମିଳିଲା - କିଛି ଠିକ୍ ନାହିଁ । ସବୁ ବିଳମ୍ବରେ ଚାଲିଛି ।

ସହକାରୀ ଷ୍ଟେସନ ମାଷ୍ଟରଙ୍କୁ ପଚାରିଲି । ସେ ବି ଠିକ୍ ଉତ୍ତର ଦେଲେ ନାହିଁ । କେତେବେଳେ ସେଇ ଗାଡ଼ି ଆସିବ ଠିକଣା ନାହିଁ । ଅଭିଜ୍ଞ ଟିକେଟ୍ କଲେକ୍ଟର ଦାସବାବୁଙ୍କୁ ପଚାରିଲି । ସେ କହିଲେ ତେବେ ଛ' ଘଣ୍ଟାରୁ କମ୍ ନୁହେଁ । ଅଧିକ ତ ହୋଇପାରେ । ଗାଡ଼ିଟି ଏଯାଏ ଆମ ଅଞ୍ଚଳ (ରେଞ୍ଜ) ମଧ୍ୟକୁ ଆସିନାହିଁ ।

ତା'ମାନେ ପଚାରିବାରୁ ସେ ବୁଝାଇଦେଲେ ବେଜଓ୍ବାଡ଼ା ପର୍ଯ୍ୟନ୍ତ ଗାଡ଼ି ଆସିନାହିଁ । ସେଠାରୁ ଏଠାକୁ ଛ' ଘଣ୍ଟାର ବାଟ । ଗତ ଥର ପ୍ରାୟ ଚବିଶ ଘଣ୍ଟା ବିଳମ୍ବରେ

ଆସିଥିଲା । ଯେଉଁଗାଡ଼ି ଗୌହାଟୀ ଯାଏ, ସେ ପୁଣି ବାଙ୍ଗାଲୋର ଆସି ଫେରେ । ତେଣୁ ଥରେ ସେଥିରେ ବିଳମ୍ବ ହେଲେ, ସେଇ ଅସୁବିଧା ଲାଗି ରହିଥାଏ କେତେ ଦିନ ପାଇଁ ।

ଆଚ୍ଛା କଥା । ଆମକୁ ତେବେ କ'ଣ କରିବାକୁ ହେବ ? ବସାକୁ ଫେରିଯିବା ଉଚିତ । ସେଠାରୁ ଫୋନ୍‌ରେ ଖବର ନେବାକୁ ହେବ । ସେଥିରେ ଖବର ନ ମିଳିଲେ ନିଜେ ଆସି ବୁଝିବାକୁ ପଡ଼ିବ । ସେଇୟା ହେଲା । ଆମେ ଫେରିଗଲୁ । ପ୍ରତି ୧/୨ ଘଣ୍ଟାରେ ଫୋନ୍ କରୁଥାଉ । ଫୋନ୍‌ରେ ନ ମିଳିଲେ ମିଟୁ ନିଜେ ଷ୍ଟେସନକୁ ଯାଇଥାଏ । ଏମିତି କରି ଶେଷରେ ଗାଡ଼ି ୧୦ ଘଣ୍ଟା ବିଳମ୍ବରେ ଆସିବ ବୋଲି ଜଣାପଡ଼ିଲା । ତା' ମାନେ ଅପରାହ୍ନ ୩ଟାରେ ଗାଡ଼ି ଆସିବ ।

ଆମେ ତେଣୁ ୨ଟାରେ ରେଲଷ୍ଟେସନରେ ପହଞ୍ଚିଲୁ । ଘଣ୍ଟାଏ ଅପେକ୍ଷା କଲା ପରେ ଗାଡ଼ି ଆସିଲା । ସେତେବେଳେକୁ ଟ୍ରେନ୍ ୧୦ ଘଣ୍ଟା ବିଳମ୍ବରେ ଚାଲିଥିଲା । ନିଜ କମ୍ପାର୍ଟମେଣ୍ଟର ନିର୍ଦ୍ଦିଷ୍ଟ ସ୍ଥାନରେ ମୁଁ ବସିଲି । ଟ୍ରେନ୍ ଛାଡ଼ିଲା ପାଖରେ ଜ୍ୱରାକ୍ରାନ୍ତ ଦୁର୍ବଳ ସ୍ତ୍ରୀ ପିଲାଙ୍କୁ ଧରି ଜଣେ ବାବୁ ଆସାମ ଯାଉଥିଲେ । ଆଉ ଜଣେ ଦୁଇଜଣ ଭଦ୍ରବ୍ୟକ୍ତି ମଧ୍ୟ ସେଇ ବଗିରେ ବସିଲେ । ଗୌହାଟୀ ଯାଇ ସେମାନେ ସେଠାରୁ ବିଭିନ୍ନ ସ୍ଥାନକୁ ଯିବେ । ଆମେ ସବୁ କଥାବର୍ତ୍ତା ହୋଇ ଚାଲିଲୁ ।

## ବୁଡ଼ିଗଲା ଗୋଡ଼ ତଳକୁ ତଳକୁ

ବୁଡ଼ିଗଲା ଗୋଡ଼ ତଳକୁ ତଳକୁ ପରି ପଛାଇଥିବା ଗାଡ଼ି ଅଧିକରୁ ଅଧିକ ପଛାଇ ପଛାଇ ଚାଲିଲା ।.କଥାବାର୍ତ୍ତାରୁ ଯାହା ଜାଣିଲି ହୁଏତ ତା' ଆରଦିନ (୩୧ ତାରିଖ) ରାତି ଅଧରେ ଗାଡ଼ି ଗୌହାଟୀରେ ପହଞ୍ଚି ପାରେ । ନୂଆ ଜାଗା । ମୋର ସ୍ଥାନ, ରାସ୍ତାଘାଟ ସଂପର୍କରେ ଆଦୌ ଧାରଣା ନାହିଁ । ସେଥିରେ ବୋଡ଼ୋ, ଉଲ୍‌ଫା ଆଦିଙ୍କର ଗଣ୍ଡଗୋଳ । ନିରୀହ ମଣିଷଙ୍କୁ ତ ପୋକମାଛି ପରି ମାରିବା ସେମାନଙ୍କର କାର୍ଯ୍ୟ ହୋଇଛି । ତେଣୁ ମନରେ କେତେ ସନ୍ଦେହ, କେତେ ଚିନ୍ତା !

ଦେଖାଯାଉ କ'ଣ ହେଉଛି । ଗାଡ଼ି ଚାଲିବାରେ ଲାଗିଲା । ରାତି ୧୦ଟା ବାଜିଲା । ଆମେ ସବୁ ଶୋଇଗଲୁ । ପାଞ୍ଚଟାରେ ଶାଗୁଆ ଧାନ କିଆରୀ, ନଦୀନାଳ, ଗାଁ ଗଣ୍ଡା ମଧ୍ୟରେ ଗାଡ଼ି ଚାଲିଛି । ଦଳ ଦଳ ପକ୍ଷୀ ଉଡ଼ି ଚାଲିଛନ୍ତି । କ୍ରମେ ଦଶ ଦିଗ ସଫା ହୋଇ ଆସିଲା ।


ଫରକ୍କା ବ୍ୟାରେଜ୍ ପଡ଼ିଲା । ଗଙ୍ଗାନଦୀର ଜଳକୁ ବାଣ୍ଟିବାରେ ବଙ୍ଗଳା ଦେଶ ସହିତ ଭାରତର ଗଣ୍ଡଗୋଳ । ଏହି ବ୍ୟାରେଜ୍‌ରେ ନଦୀ ଜଳ ଅଟକ କରି କେନାଲ ସାହାଯ୍ୟରେ ଜଳସେଚନର ବ୍ୟବସ୍ଥା ହୋଇଛି । କେତୋଟି ନୂଆ କଳକାରଖାନା ଗଢ଼ି ଉଠିଛି ।

### ସୁନ୍ଦର ସବୁଜ ପରିବେଶ

ସୁନ୍ଦର ପ୍ରାକୃତିକ ପରିବେଶ ମଧ୍ୟରେ ଟ୍ରେନ୍ ଚାଲିଛି । ଖେତ ଓ ଖମାର ଆଉ କଳକାରଖାନା ମଧ୍ୟରେ ଏକ ଅପୂର୍ବ ଯୋଗାଯୋଗ । ମାଲ୍‌ଦା ଷ୍ଟେସନ୍ ପଡ଼ିଲା । ଏକ ଜାତିର ସବୁଜ ଆମ୍ବ ପାଇଁ ସ୍ଥାନଟି ପ୍ରସିଦ୍ଧ । ସେଇ ଆମ୍ବ ସରିଆସିଲାଣି । ପାଚିଲେ ମଧ୍ୟ ଏହି ଆମ୍ବ ସବୁଜ ଦିଶେ । ଜଣେ ଦି'ଜଣ ଗୋଟିଏ ଲେଖାଁ ଝୁଡ଼ିରେ କିଛି ଆମ୍ବ ଧରି ଷ୍ଟେସନ ଉପରେ ବସି ବିକୁଥିଲେ । କିଲୋ ନ'ଅ ଟଙ୍କା ।

ଚାଷୀମାନେ ଭୋରୁ ଚାଷ କାମରେ ଲାଗିଲେଣି । କିଏ ମଇ ଦେଉଛି ତ କିଏ ବେଉଷଣ କରୁଛି । କିଏ ରୋଉଛି ତ କିଏ ତଳି ଉପାଡୁଛି । ନିଜ ନିଜ ଚାଷ କାର୍ଯ୍ୟରେ ସେମାନେ ଲାଗିଲେଣି । ଅନେକ ସ୍ଥାନରେ ନଳିତା କିଆରୀମାନ ଦେଖିଲୁ । କେତେକ ଜାଗାରେ ନଳିତା କାଟି ତାକୁ ପାଣିରେ ମଡ଼ାଉଛନ୍ତି । କେତେକ ଜମି ଉପରେ ନଳିତା ଗୋଛା ଠିଆ ହୋଇ ରହିଛି । ସମ୍ଭବତଃ ପତ୍ର ଝଡ଼ିଲେ ପାଣିରେ ମାଡ଼ିବେ ।

ରେଳ ରାସ୍ତା କଡ଼ରେ ମଧ୍ୟ ଆକାଶିଆ ଗଛଗୁଡ଼ିକର ବଣ । ଆକାଶଛୁଆଁ ହେଲାଣି । ସାମାଜିକ ବନୀକରଣ ଯୋଜନାରେ ସବୁଠି ଏଇ ଗଛର ଜଙ୍ଗଲ ଦେଖିବାକୁ



ମିଳୁଛି । ସେଇ ଗଛର ଉପକାରିତା ବିଷୟରେ ଅନେକ ସମାଲୋଚନା କରନ୍ତି । ମାତ୍ର ଧୂସର ମାଟି ମରତକୁ ଶୀଘ୍ର ସବୁଜ ସୁନ୍ଦର କରିବାକୁ ଆକାଶିଆ ଗଛ ତା'ର ଖୁବ୍ ସଫଳତା ଦେଖାଇଛି । ବଡ଼ ଗଛଗୁଡ଼ିକରେ ହଳଦିଆ ଫୁଲର ଭିଡ଼ ଜମିଛି । ସାନ ଗଛଗୁଡ଼ିକରେ ଛନ ଛନ କଅଁଳିଆ ପତ୍ର ଲଦି ହୋଇ ପଡ଼ିଛି ।

କିଶାନଗଞ୍ଜ, ରଙ୍ଗପାଣି ଆଦି ଷ୍ଟେସନ ପରେ ପଡ଼ିଲା ନୂଆ ଜଳପାଇଗୁଡ଼ି । ଏଠାରୁ ଥରେ ମୁଁ ସିଲ୍‌ଗୁଡ଼ି ଯାଇ ସେଠାରୁ ସିକିମର ରାଜଧାନୀ ଗାଙ୍ଗଟକ ଯାଇଥିଲି । ପାହାଡ଼ମାନ ଦୂର ଦିଗ୍‌ବଳୟରେ ଦେଖାଗଲା । ମଝିରେ ମଝିରେ ବର୍ଷା ହେଉଥାଏ ।

ମେଘୁଆ ପାଗ । ସୂର୍ଯ୍ୟ କେତେବେଳେ ଲୁଚି ଯାଉଥାଏ ତ କେତେବେଳେ ଦେଖାଯାଉଥାଏ ।

**ବୋଡ଼ୋ ଗଣ୍ଡଗୋଳ ଯୋଗୁଁ ହଇରାଣ**

ଆସାମ ରାଜ୍ୟ ନିକଟେଇ ଆସିଲା । ଗୁଆଗଛମାନ ଦେଖି ଗୁଆହାଟୀ କଥା ମନେପଡ଼ିଲା । ଗୁଆର ହାଟରୁ ଗୁହାଟୀ ନାମକରଣ ହୋଇଛି । ଗୋଟିଏ ଗାଁ ପାଖ ଛୋଟ ଷ୍ଟେସନରେ ଗାଡ଼ିଟି ବହୁ ସମୟ ପକାଇ ରଖିଲା । ପାଣିଟୋପେ ବି ନାହିଁ । ଟ୍ୟୁବ୍‌ଓଏଲ୍‌ରେ ପାଣି ବାହାରୁ ନାହିଁ । ଗାଁ ଲୋକେ ଏହାକୁ ଏକ ସୁଯୋଗ ବୋଲି ଭାବିନେଲେ । ବାଡ଼ିର ଦରପାଚିଲା ପଣସ, ପିଜୁଳି, ସପୁରୀ, କଦଳୀ, ଆଦି ନେଇ ଆସିଲେ । ସନ୍ଧ୍ୟା ବେଶୀ ଦୂର ନାହିଁ । ତେଣୁ ଯାତ୍ରୀମାନେ ଯେ ଯାହା ପାଇଲେ କିଣି ଖାଇଲେ ।

ସେଇ ଡବାରେ ୮/୧୦ ଜଣ ଅଧ୍ୟାପକ ଯାଉଥିଲେ । ସେମାନେ ଓଡ଼ିଶାରୁ ଯାଇ ଆସାମରେ ବିଭିନ୍ନ କଲେଜରେ ଅଧ୍ୟାପନା କରୁଛନ୍ତି । ବାରିପଦାର ଜଣେ



ଇଂରେଜୀ ଅଧ୍ୟାପକ ଶ୍ରୀ ସୁମନ ପାଣିଗ୍ରାହୀଙ୍କ ସହିତ କଥା ହେଲି । ସେ ପଞ୍ଚାମୁଣ୍ଡାଇ କଲେଜରେ ବର୍ଷେ ଦେଢ଼ବର୍ଷ ଅଧ୍ୟାପକ ଥିଲେ । ମାତ୍ର ଦରମା କମ୍ ମିଳିବାରୁ ସେଠାରୁ ଚାଲିଗଲେ । ଗୌହାଟୀ ପୂର୍ବରୁ ସେ ଓହ୍ଲାଇବେ । ମୋତେ ସେ ପରାମର୍ଶ ଦେଲେ— ଗୌହାଟୀ ଷ୍ଟେସନରୁ ଓହ୍ଲାଇ ଆପଣ ପାନ ବଜାରକୁ ଯିବେ । ସେଠାରୁ ରିକ୍ସାଟିଏ କରି ହାଇକୋର୍ଟ ପାଖକୁ ଯିବେ । ସେଠାରୁ ଗୋଟିଏ ସରକାରୀ ବସ୍‌ରେ ବିଶ୍ୱବିଦ୍ୟାଳୟକୁ ଚାଲିଯିବେ । ଅଟୋରେ ଗଲେ ୫୦ ଟଙ୍କା ନେବ । ମାତ୍ର ଏ ପ୍ରକାର ଗଲେ ଆପଣଙ୍କର ୪/୫ ଟଙ୍କା ଖର୍ଚ୍ଚ ହେବ ।

ସେଠାରେ ଗାଡ଼ି ଏତେ ସମୟ ପଡ଼ି ରହିବାର କାରଣ ବୁଝାଇ ସୁମନବାବୁ କହିଲେ- ଆସାମ ଗଣ୍ଡଗୋଳ ଯୋଗୁଁ ଆଜିକାଲି ରାତିରେ ଟ୍ରେନ୍ ଚାଲୁ ନାହିଁ । ବିଶେଷ କରି ବୋଡ଼ୋ ଅଞ୍ଚଳ ପଡ଼ିବ ଗୌହାଟୀ ପୂର୍ବରୁ । ସେଥିପାଇଁ ସନ୍ଧ୍ୟାରେ କୁଚବିହାର ଷ୍ଟେସନରେ ଗାଡ଼ି ଅଟକିବ । ଭୋରରୁ ପୁଣି ଗାଡ଼ି ଚାଲିବ । ଗୋଟିଏ ସ୍ଥାନରେ ଦେଖିଲି ମସ୍ତବଡ଼ ଆମ୍ବ ତୋଟା ପରି ଏକ ଜଙ୍ଗଲ । ଉପରକୁ ମୁଣ୍ଡ ଟେକି ରହିଛି ବଡ଼ ବଡ଼ ଗଛ । ତଳେ ତା'ର ସବୁ ଘଞ୍ଚ ବୁଦୁ ବୁଦିକିଆ ଗଛ । ସେଇ ସବୁ ଗଛ କେହି ଲଗାଇଲା ପରି ଲାଗିଲା । ପଚାରିବାରୁ ସାହୁବାବୁ କହିଲେ - ଏହା ଚା' ବଗିଚା । ବଡ଼ ବଡ଼ ଗଛ ତଳେ ବୁଦୁ ବୁଦିକିଆ ଜଙ୍ଗଲ ପରି ଦିଶୁଛି । ତାକୁ ଛାଇ ଦେବାକୁ ଉପରେ ଏଇ ଡେଙ୍ଗା ଡେଙ୍ଗା ଗଛ । ମୁଁ ଏବେ ବୁଝିଲି ପିଲାଦିନେ ଚା' ଚାଷ ବିଷୟରେ ପଢ଼ିଥିବା ପାଠ ମନେ ପଡ଼ିଲା ।

ସତକୁ ସତ କୁଚବିହାର ଷ୍ଟେସନରେ ଗାଡ଼ି ଅଟକି ରହିଲା । ସେଠାରେ ଆଗରୁ ଆଉ ୨/୩ଟି ଟ୍ରେନ୍ ମଧ୍ୟ ଅଟକି ରହିଥିଲା । ଷ୍ଟେସନରେ ଖାଦ୍ୟର ଉତ୍କଟ ଅଭାବ । ବାସି, ଶୁଖିଲା ଯାହା ଖାଦ୍ୟ ମିଳିଲା, ସେଥିରୁ ଖାଇ ପେଟକୁ ଥୟ କରାଗଲା । ଯାତ୍ରୀମାନେ ରାତିଟି ସେଠାରେ ଗାଡ଼ିର ବଗି ମଧ୍ୟରେ କଟାଇଲେ । ପୋଲିସ୍ ଫୋର୍ସ୍ ଆଦି ଅବଶ୍ୟ ଏପଟ ସେପଟ ହେଉଥା'ନ୍ତି ।

## କଳାମେଘ ତଳେ ଧଳା କଇଁର ହାଟ

ରାତି ୪ଟାରେ ନିଦ ଭାଜିଲା । ଟ୍ରେନ୍ ଧୀରେ ଧୀରେ ଚାଲିଥାଏ । ଭୋର ୫ଟାରେ ନିତ୍ୟକର୍ମ ସାରିଦେଲି । ଚଉଦିଗ ଫରଚା ଦିଶିଲା । ଯାତ୍ରୀମାନେ ଗୋଟିଏ ଗୋଟିଏ ଉଠିଲେ । ମେଘୁଆ ସକାଳ । ମାତ୍ର ଚାଷୀଭାଇମାନେ କାମରେ ଲାଗିଥାନ୍ତି । ରେଲରାସ୍ତା କଡ଼ ନୟନଜୋରି ପାଣିରେ ନାଲି ଓ ଧଳା କଇଁ ବହୁ ସଂଖ୍ୟାରେ ଫୁଟିଥାଏ । ଧଳାକଇଁ ତ ଆକାଶ ତାରା ପରି ଉଜ୍ଜ୍ୱଳ ଦିଶୁଥାଏ । କଳାହାଣ୍ଡିଆ ମେଘ ତଳେ ତା'ର ଉଜ୍ଜ୍ୱଳତା ଆହୁରି ବଢ଼ିଯାଇଥାଏ । ମଝିରେ ମଝିରେ ଝିପ୍ ଝିପ୍ ବର୍ଷା ।

ଜୋରାଇ ଷ୍ଟେସନ ପଡ଼ିଲା । ଚା' ଗ୍ଲାସେ ପିଇଲି । ଖୁବ୍ ତଟକା । ତା'ର ମହକ ଭାରି ଭଲ ଲାଗିଲା । ତା'ପରେ ଶ୍ରୀରାମପୁର ଷ୍ଟେସନ । ଜୱାନମାନେ ବାଲି ବସ୍ତା ଘେରାଇ ତା' ଉପରେ ଭାଡ଼ି କରି ଜଗି ବସିଛନ୍ତି । ଚଉତରା ବୋଲି ଆଉ ଏକ ଷ୍ଟେସନ ।

ବୋଡ଼ୋ ଅଞ୍ଚଳ ମଧ୍ୟରେ ଆମେ ଚାଲିଲୁ । ସ୍ତ୍ରୀଲୋକମାନେ ଚାଲିଥାନ୍ତି । ସେମାନଙ୍କର ଗଢ଼ଣ ଓ ସ୍ୱାସ୍ଥ୍ୟ ସୁନ୍ଦର । ପାହାଡ଼ ଜଙ୍ଗଲଘେରା ଅଞ୍ଚଳ । ଦୂର ପାହାଡ଼ ଉପରେ ନୂଆ ମେଘ । ଧୋବ ଫର୍ ଫର୍ ଭିଣାତୂଳା ପରି ଦେଖାଯାଉଥାଏ । ପାହାଡ଼ର ସବୁଜ ସୁନ୍ଦର ମଥାନ ଉପରେ ତାହା ଭାସି ଯାଉଥାଏ ।

ବହୁ ଦିନରୁ ଶୁଣିଥିବା ଓ ଖବରକାଗଜରୁ ପଢ଼ିଥିବା କୋକ୍ରାଝର ଷ୍ଟେସନ ପଡ଼ିଲା । ଭାବିଲି କେଉଁଠି ସୁନ୍ଦର ଝରଣା ଥିବ । ଜଣେ ଯୁବକବନ୍ଧୁ ମୋର ପାଣି ବୋତଲ ନେଇ ଷ୍ଟେସନ ଟ୍ୟୁବ୍‌ୱେଲରୁ ଭର୍ତ୍ତି କରି ଆଣିଲେ । ଖୁବ୍ ନିର୍ମଳ ଜଳ । କେଦାର ଗୌରୀ ପାଣି ପରି ଟିକିଏ ଆମ୍ବିଳିଆ ଲାଗୁଥିଲା । ସମ୍ଭବତଃ ଧାତବ ଗୁଣ ଯୋଗୁଁ । ତା'ପରେ ବାସୁଗାଓଁ, ନୂଆ ବୋଙ୍ଗାଇଗାଓଁ, ନଳବାଡ଼ି ଷ୍ଟେସନମାନ ପଡ଼ିଲା । ଗୌହାଟୀ ଆଉ ସେଠାରୁ ଘଣ୍ଟାକର ବାଟ । ମନ ଉଚ୍ଚାଟ ହୋଇ ଉଠିଲା । ମାତ୍ର ସେତେବେଳକୁ ବାରଟା ବାଜିଲାଣି ।

**ସମସ୍ତେ ଯେମିତି ସ୍ୱାଗତ କଲେ**

ଏବେ ପାହାଡ଼ମାନ ରେଳରାସ୍ତା ପାଖକୁ ଲାଗି ରହିଥିବା ଦେଖାଗଲା । ମନେ ହେଲା, ଯାତ୍ରୀମାନଙ୍କୁ ସ୍ୱାଗତ କରିବାକୁ ସେମାନେ ହାତ ଧରାଧରି ହୋଇ ଲାଗି ଆସିଲେଣି । ଜଣେ ଲୋକ ଆସି ଗୋଟିଏ ଲେଖାଏଁ ସୁନ୍ଦର ପଇଡ଼ ଧରାଇଲେ । ଥଣ୍ଡା ପାଣିକୁ ମିଠା ଶସ । ଭଲ ଲାଗିଲା ଖୁବ୍ ଶାନ୍ତି ଲାଗିଲା । ଭୋକଶୋଷ ମରିଗଲା । ସୁନ୍ଦର ଦୃଶ୍ୟ ଦେଖି ଖୁସିହେଲି ।

ଅଳ୍ପ ସମୟ ପରେ ପଡ଼ିଲା କାମାକ୍ଷା ଷ୍ଟେସନ । ସେଠାରୁ ଗଲେ ଦଶମିନିଟ୍ ପରେ ଗୌହାଟୀ ଷ୍ଟେସନ । ପୁରୀ ଯିବାବେଳେ ଆଗେ ପଡ଼ନ୍ତି ବାଟମଙ୍ଗଳା । ସେମିତି ଗୌହାଟୀ ଯିବା ପୂର୍ବରୁ ଆଗେ ପଡ଼ନ୍ତି କାମାକ୍ଷା ଠାକୁରାଣୀ । ମୁଁ ଗୌହାଟୀ ଷ୍ଟେସନରେ ଓହ୍ଲାଇବା ପାଇଁ ପ୍ରସ୍ତୁତ ହେଲି । କାମାକ୍ଷା ଷ୍ଟେସନରେ ଗାଡ଼ି ରହିଲାମାତ୍ରେ ମୁଁ ବାହାର ଦୃଶ୍ୟ ଦେଖୁଛି । ହଠାତ୍ ଆଖି ପଡ଼ିଲା ଡକ୍ଟର ଶର୍ମାଙ୍କ ଉପରେ । ସେ ପ୍ଲାଟଫର୍ମ ଉପରେ ଗାଡ଼ିକୁ ଦେଖି ଦେଖି ଚାଲିଛନ୍ତି । ଡକ୍ଟର ପୂର୍ଣ୍ଣ ଶର୍ମା ଗୌହାଟୀ ବିଶ୍ୱବିଦ୍ୟାଳୟର ଆକାଡେମିକ ଷ୍ଟାଫ୍ କଲେଜର ଡାଇରେକ୍ଟର । ସେ ମୋତେ ନିମନ୍ତ୍ରଣ କରିଥିଲେ । ମାତ୍ର କେଉଁଠି କିପରି ଓହ୍ଲାଇ ତାଙ୍କ କଲେଜକୁ ଯିବି ଜଣାଇନଥିଲେ ।

ଯାହା ହେଉ କାମାକ୍ଷାଙ୍କ ଦୟାରୁ ତାଙ୍କ ଉପରେ ହଠାତ୍ ଆଖି ପଡ଼ିଗଲା । ମୁଁ ତାଙ୍କୁ ଡାକିଦେଲି । ମୋର ଡାକ ଶୁଣିଲାମାତ୍ରେ ବଗିଭିତରକୁ ସେ ଚାଲିଆସିଲେ । ମୋତେ ଆନନ୍ଦରେ କୁଣ୍ଢାଇ ପକାଇଲେ । ମୋର ମନା କରିବା ସତ୍ତ୍ୱେ ମୋ ସୁଟ୍‌କେଶକୁ ଧରି ସେ ବାହାରିଲେ । ସେତେବେଳକୁ ସେଇଗାଡ଼ି ପୂରା ଗୋଟିଏ ଦିନ ବା ୨୪ ଘଣ୍ଟା ବିଳମ୍ବରେ ଚାଲୁଥିଲା ।

**ଏବେ ସବୁ ଦୁଃଖ ଭୁଲି ଯା'ନ୍ତୁ**

ଡକ୍ଟର ଶର୍ମା କହିଲେ – ଆପଣ ବାଟରେ ବହୁ ହଇରାଣ ହୋଇଥିବେ । ଏବେ ସେ ସବୁ ଦୁଃଖ ଭୁଲି ଯା'ନ୍ତୁ । ତାଙ୍କ କାର୍‌ରେ ଆମେ ସାଥୀ ହୋଇ ଗୌହାଟୀ

ବିଶ୍ୱବିଦ୍ୟାଳୟକୁ ଗଲୁ । ସେଠାରେ ଅତିଥିଭବନ (ଗେଷ୍ଟ ହାଉସ୍)ରେ ମୋର ରହିବା ବ୍ୟବସ୍ଥା ହେଲା । କିଛି ସମୟ ଦୁଃଖ ସୁଖ ହେଲା ଭିତରେ ସେ କହିଲେ - ଦୁଇଦିନ ଧରି ମୁଁ ଖୁବ୍ ଚିନ୍ତାରେ ପଡ଼ିଥିଲି । ଆପଣ ଆସି ପାରିବେ କି ନାହିଁ । ଏଠାରେ ଗଣ୍ଡଗୋଳ । ପୁଣି ଏଇ କେତେ ଦିନ ପରେ ଦିଲ୍ଲୀରେ ଆମର ମିଟିଂ । ସେଥିପାଇଁ ନାନା ପ୍ରସ୍ତୁତି ।

ମୁଁ କିନ୍ତୁ ଆସାମକୁ ଆସିବା ପାଇଁ ମୋର ଆଗ୍ରହ ଏବଂ ଆସିଲା ପରେ ଖୁବ୍ ଆନନ୍ଦ ପ୍ରକାଶ କଲି । ସେ ମଧ୍ୟ ଖୁସି ହେଲେ । କାମାକ୍ଷା ଷ୍ଟେସନରୁ ବିଶ୍ୱବିଦ୍ୟାଳୟ ୧୦ କିଲୋମିଟର ଦୂର । ମାତ୍ର ଅତିଥିଭବନ ଠାରୁ ତାହା ଜମା ୪ କିଲୋମିଟର । ତେବେ ଘଣ୍ଟାକ ପରେ ଗାଡ଼ି ପଠାଇଦେବେ କହି ସେ ନିଜ ଘରକୁ ଗଲେ ।

ମୁଁ ଘଣ୍ଟାକ ମଧ୍ୟରେ ନିତ୍ୟକର୍ମ ସାରିଦେଲି । ୩ଟାରେ ମୋତେ ଗୋଟିଏ ଭାଷଣ ଦେବାକୁ ହେବ । ମୁଁ ଦୁଇଟା ମଧ୍ୟରେ ଗାଧୁଆ ପାଧୁଆ ସାରି ପ୍ରସ୍ତୁତ ହୋଇଗଲି । ମାତ୍ର ଡ୍ରାଇଭର ଆସିବାରେ ବିଳମ୍ବ ହେବାରୁ ମୁଁ ବାହାରକୁ ଆସି ବୁଲାବୁଲି କଲି । ଦୂର ଦିଗ୍‌ବଳୟରେ ସୁନୀଳ ଉଚ୍ଚ ପାହାଡ଼ ଲମ୍ବି ଯାଇଛି । ମଥାନରେ ତା'ର କଳାହାଣ୍ଡିଆ ବାଦଲର ବୋଝ । ହତାରେ ସନ୍ତସନ୍ତିଆ ଭୂଇଁ । ପଙ୍କ କାଦୁଅଭରା । ସେଠାରେ କେହି ଯତ୍ନ ନେଲାପରି ଜଣାଗଲା ନାହିଁ । ତେବେ ହତା ମଝିରେ ଗୋଲାପ, ହେନା ଆଦି ଫୁଲଗଛମାନ ମୁଣ୍ଡଟେକି ଠିଆ ହୋଇଛନ୍ତି ।

ଦୁଇଟା ପନ୍ଦର ମିନିଟ୍‌ରେ କାର୍ ଆସିଲା । ମୁଁ ବିଜ୍ଞାନ କେନ୍ଦ୍ରର କ୍ୟାଣ୍ଟିନ୍‌ରେ କିଛି ଖାଇ ତାଲିମ କେନ୍ଦ୍ରକୁ ଗଲି । ସେଠାରେ କିଛି ସମୟ ବସିଲା ପରେ ଶର୍ମା ଆସିଲେ । କୋଅର୍ଡ଼ିନେଟର ଭଟ୍ଟାଚାର୍ଜୀ ଶ୍ରେଣୀରେ କ'ଣ ଆଲୋଚନା କରୁଥିଲେ । ଆସିଲେ । ଗୋଟିଏ ଗ୍ରୁପ୍ ଫଟୋ ଉଠାଇବାର ଆୟୋଜନ । ମୋତେ ସେମାନେ ବସିବାକୁ ଅନୁରୋଧ କଲେ । ଫଟୋ ଉଠିଲା ।

ତା'ପରେ ଡକ୍ଟର ଶର୍ମା ସମସ୍ତଙ୍କ ସହିତ ମୋର ପରିଚୟ କରାଇଦେଲେ । ମୁଁ ମଧ୍ୟ ପ୍ରଥମ କରି ଆସାମ ଯାଇଥିବାରୁ ଆନନ୍ଦ ପ୍ରକାଶ କଲି । ଦୁଇ ପଡ଼ୋଶୀ ରାଜ୍ୟ ଓଡ଼ିଶା ଓ ଆସାମ । ସେମାନଙ୍କ ଭାଷା, ଧର୍ମ, ଆଚରଣ, ଚଳଣି ଆଦିରେ ଖୁବ୍ ସାମଞ୍ଜସ୍ୟ । ଶିକ୍ଷା ଓ ଦର୍ଶନ ସଂପର୍କରେ ଭାଷଣ ଦେଲି । ଶେଷରେ ଆଲୋଚନା ହେଲା । କେନ୍ଦ୍ର ମାଧ୍ୟମିକ ଶିକ୍ଷାବୋର୍ଡ଼ର ଆଞ୍ଚଳିକ ଅଧିକାରୀ ଫୁକନ୍‌ବାବୁ ମଧ୍ୟ ଆଲୋଚନାରେ ଯୋଗଦେଲେ ।

ତା'ପରେ ଆମେ ଡକ୍ଟର ଶର୍ମାଙ୍କ ବସାକୁ ଗଲୁ । ସେଠାରେ କଥାବାର୍ତ୍ତା ହେଲୁ । ପରସ୍ପର ଘରଦ୍ୱାର, ପିଲାପିଲିଙ୍କ ପଢ଼ାପଢ଼ି ସଂପର୍କରେ ସୁଖଦୁଃଖ ହେଲୁ । ଆସାମ ବିଶେଷ କରି ଗୌହାଟୀ ସହର ବିଷୟରେ ଆଲୋଚନା କଲୁ । ଆସାମର ଆଗକାଳର କଥା । ଆସାମ ପୌରାଣିକ ଯୁଗରେ ପ୍ରାଗ୍‌ଜ୍ୟୋତିଷପୁର ନାମରେ ବିଖ୍ୟାତ ଥିଲା । କାଳିଦାସଙ୍କ କାବ୍ୟ କବିତା ଏବଂ ଅନ୍ୟାନ୍ୟ ସଂସ୍କୃତ ଶାସ୍ତ୍ରମାନଙ୍କରେ ଏହାକୁ କାମରୂପ ବୋଲି ବର୍ଣ୍ଣନା କରାଯାଇଛି । ସମୁଦ୍ର ଗୁପ୍ତଙ୍କର ଏକ ଶିଳାଲିପିରେ (୫ମ ଶତାବ୍ଦୀ) ଏହାର ନାମ କାମରୂପ ବୋଲି କୁହାଯାଇଛି । ଦଶମ ଶତାବ୍ଦୀରେ ଲିଖିତ କାଳିକା ପୁରାଣରେ ପ୍ରାଗ୍‌ଜ୍ୟୋତିଷ ବା କାମରୂପର ବର୍ଣ୍ଣନା ରହିଛି । ୧୬ଶ ଶତାବ୍ଦୀର ଯୋଗିନୀତନ୍ତ୍ରରେ କାମରୂପର ସୀମା ସରହଦ ଆଦି ଭୌଗୋଳିକ ଅବସ୍ଥିତି ସୁନ୍ଦର ଭାବରେ ଦିଆଯାଇଛି । ନେପାଳ ଠାରୁ ବ୍ରହ୍ମପୁତ୍ରର ମୁହାଣ ଯାଏ ଏକ ବିରାଟ ଭୂଖଣ୍ଡ କାମରୂପ ବୋଲି କୁହାଯାଇଛି । ସେଥିରୁ ଆଜିକାଲିର ଆସାମ ସହିତ ଉତ୍ତର ବଙ୍ଗର କୁଚବିହାର, ରଙ୍ଗପୁର, ଜଲପାଇଗୁଡ଼ି, ଦିନାଜପୁର ଆଦି କାମରୂପ ମଧ୍ୟରେ ଥିଲା ବୋଲି ଜଣାପଡ଼େ ।

'ଆସାମ' ନାମକରଣ କିପରି ହେଲା ? ଏହି ପ୍ରଶ୍ନ ସବୁରି ମନରେ ଉଙ୍କି ମାରିବା ସ୍ୱାଭାବିକ । ୧୩ ଶତାବ୍ଦୀରେ ଆହୋମ ନାମକ ଏକ ଆଦିବାସୀ ଜାତି ବ୍ରହ୍ମପୁତ୍ର ଉପତ୍ୟକାକୁ ବର୍ମା ଆଡୁ ଆକ୍ରମଣ କରିଥିଲେ । ସେମାନେ ସେତେବେଳେ ଏଠାକୁ ଶାସନ

କରୁଥିବା ଲୋକମାନଙ୍କୁ ହଟାଇ ରାଜପଣ କରିଥିଲେ । ସେମାନଙ୍କର ନାମ ଅନୁସାରେ ଆସାମର ନାମକରଣ ହୋଇଛି ବୋଲି କୁହାଯାଏ । ଆହୋମମାନେ ପରେ ହିନ୍ଦୁଧର୍ମ ଗ୍ରହଣ କରିଥିଲେ ଏବଂ ଆସାମୀ ଭାଷା ବ୍ୟବହାର କରିଥିଲେ ।

ସେତେବେଳେ ଆସାମରେ ଗୋସେଇଁ ନାମରେ ଏକ ବୈଷ୍ଣବ ଶ୍ରେଣୀ ଥିଲେ । ଆହୋମମାନେ ଗୋସେଇଁମାନଙ୍କ ଠାରୁ ଦୀକ୍ଷା ଗ୍ରହଣ କରିଥିଲେ । ସେମାନେ ପ୍ରଥମେ ମାତ୍ର ଏକ ହଜାର ଆସିଥିଲେ । ଅନୁକୂଳ ପରିବେଶରେ କେତୋଟି ବର୍ଷରେ ସେମାନେ ଲକ୍ଷାଧିକ ହୋଇଥିଲେ । ଆଉ କେତେକଙ୍କ ମତରେ ଏଠାରେ ଆଦିମ ଅଧିବାସୀମାନେ ଏହି ଭୂଇଁ ଉଚ୍ଚନୀଚ ପାହାଡ଼, ଉପତ୍ୟକା, ନଦୀନାଳର ଦେଶ ହୋଇଥିବାରୁ ଏହାକୁ 'ଆସାମ' ବା ଅସମାନ କହନ୍ତି । ସେଥିରୁ ଏହି ରାଜ୍ୟର ନାମ ଆସାମ ହୋଇଛି ।

ପୁରାଣମାନଙ୍କରେ କୁହାଯାଇଛି, ଏଠାର ଆଦିମ ଅଧିବାସୀ ଥିଲେ କିରାତ, ନିଷାଦ, କିନ୍ନର ଆଦି ଉପଜାତିର ଲୋକ । ଏମାନଙ୍କୁ ମ୍ଳେଚ୍ଛ ବା ଅସୁର ବୋଲି ମଧ୍ୟ କୁହାଯାଇଛି । ତା'ପରେ ଆର୍ଯ୍ୟ, ମଙ୍ଗୋଲିୟ, ଚୀନ ଆଦି ବହୁଜାତି ଓ ସଂପ୍ରଦାୟର ଲୋକ ଆସି ଏଠାରେ ବାସ କଲେ । ନାଗା, ଗାରୋ, ଖାସି, ଜୟନ୍ତିଆ ଆଦି ଅଧିବାସୀମାନେ ପାହାଡ଼ କୋଳରେ ବହୁଯୁଗରୁ ରହି ଆସିଛନ୍ତି । ସେହିପରି ଆଉ ଏକ ଜାତିର ଆଦିବାସୀ ହେଲେ 'ବୋଡ଼ୋ' । ସେମାନଙ୍କ ଭାଷାରେ ବୋଡ଼ୋର ଅର୍ଥ ମଣିଷ । ସେମାନଙ୍କ ମଧ୍ୟରୁ ଅଧିକାଂଶ କାମରୂପ ଜିଲ୍ଲାର ପଶ୍ଚିମ ଭାଗରେ ବାସ କରନ୍ତି । ସେମାନଙ୍କୁ 'ମେକ' (ସମ୍ଭବତଃ 'ମ୍ଳେଚ୍ଛ'ରୁ ହୋଇଛି) କହନ୍ତି । ଯେଉଁମାନେ ଏହାର ପୂର୍ବରେ ବାସ କରନ୍ତି, ସେମାନଙ୍କୁ କାଚାରୀ (ସମ୍ଭବତଃ 'କାଚାର' ଅଞ୍ଚଳର) କୁହାଯାଏ ।

ବୋଡ଼ୋମାନେ ବିସ୍ତୃତ ଅଞ୍ଚଳ ଅଧିକାର କରି ରାଜୁତି କରୁଥିଲେ । ନଦୀ କୂଳମାନଙ୍କରେ ଘରଦ୍ୱାର କରିଥିଲେ । ନିଜ ଭାଷାରେ ନଦୀଗୁଡ଼ିକର ନାମକରଣ କରିଥିଲେ । ପଶ୍ଚିମରୁ ଆର୍ଯ୍ୟ ଓ ପୂର୍ବରୁ ଆହୋମମାନେ ଆସିଥିଲେ । ଏକ ତାଇ ବା



ସାନ ସଂପ୍ରଦାୟ ଆହୋମ ବଂଶରେ ରାଜପଣ କଲେ । ଏହି ବଂଶର ରାଜା ପ୍ରଥମ ଜୟଧ୍ୱଜ ସିଂହ (୧୬୪୮ - ୧୬୬୩) ହିନ୍ଦୁ ଧର୍ମ ଗ୍ରହଣ କରିଥିଲେ ।

ରାମାୟଣ ଓ ମହାଭାରତରେ ଆସାମର ଅଧିବାସୀମାନଙ୍କ ବିଷୟରେ ବହୁ ବର୍ଣ୍ଣନା ରହିଛି । ଆସାମର ଭୌଗୋଳିକ ଅବସ୍ଥିତି, ଏହାର ଭାଷା, ଧର୍ମ ଆଦିର ବହୁ ବର୍ଣ୍ଣନା ରହିଛି ।

**ଆସାମର ଅବସ୍ଥା**


ଆସାମର ଭୌଗୋଳିକ ଅବସ୍ଥିତି, ଏହାର ଭାଷା, ଧର୍ମ, ଆଚାର, ବିଚାର, ଖାଦ୍ୟ, ପୋଷାକ ଆଦିକୁ ପ୍ରଭାବିତ କରିଛି । ପୂର୍ବରୁ ପାହାଡ଼ ମଧ୍ୟରେ ଥିବା ଗିରିପଥ ଦେଇ ବର୍ମା, ତିବ୍ବତ, ଭୁଟାନ ଓ ଚୀନ ସହିତ ଯୋଗାଯୋଗ ରହି ଆସିଥିଲା । ବ୍ରହ୍ମପୁତ୍ରନଦୀ ଆସାମ ମଧ୍ୟରେ ପ୍ରବାହିତ ହୋଇ ଇଜିପ୍ଟର ନୀଳନଦୀ ପରି ବହୁ ପ୍ରକାରେ

ସାହାଯ୍ୟ କରି ଆସିଛି । ବଙ୍ଗ ବ୍ୟତୀତ ଭାରତର ଅନ୍ୟାନ୍ୟ ଅଞ୍ଚଳ ସହିତ ସଂପର୍କ ସ୍ଥାପନରେ ଏହା ସହାୟକ ହୋଇଛି । ଆସାମର ଇତିହାସ ଓ ସଂସ୍କୃତିକୁ ଏହି ନଦୀ ସବୁପ୍ରକାର ପ୍ରଭାବିତ କରିଛି । ଏହା ଆସାମର ପୂର୍ବ ଭାଗରେ ଥିବା ଭୂମିକୁ ଶସ୍ୟଶ୍ୟାମଳା କରିଛି । ଏହାର ପ୍ରାକୃତିକ ସମୃଦ୍ଧି ଓ ପ୍ରାଚୁର୍ଯ୍ୟ ବହୁ ଜାତି, ବହୁ ସଂପ୍ରଦାୟକୁ ଆକର୍ଷଣ କରିଛି । କଳା, ସାହିତ୍ୟ, ଗୀତ, ନୃତ୍ୟ ବହୁ ପ୍ରକାରେ ଉନ୍ନତ ହୋଇପାରିଛି ।

ଆସାମର ଭାଷା ସଂସ୍କୃତ ଭାଷାରୁ ୭ମ ଶତାବ୍ଦୀରେ ଜନ୍ମ ନେଇଥିଲା । 'ମାଗଧି' ଉପଭାଷା ସହିତ ଏହାର ସଂପର୍କ ଘନିଷ୍ଠ । ଭାଷାବିଦ୍ ସାହେବ ଗ୍ରିୟରସନ୍‌ଙ୍କ ମତରେ ମାଗଧି ଏକ ପ୍ରଧାନ ଉପଭାଷା ଏବଂ ପୂର୍ବାଞ୍ଚଳରେ ପ୍ରାକୃତ ଭାଷା ପରି ବ୍ୟବହୃତ ହେଉଥିଲା । ଏଥିରୁ ମଧ୍ୟ ବଙ୍ଗଳା ଓ ଓଡ଼ିଆ ଭାଷାର ଜନ୍ମ । ୭ମ ଶତାବ୍ଦୀର ପ୍ରଥମ ଭାଗରେ ଆସାମର ରାଜା ଭାସ୍କର ବର୍ମନଙ୍କ ନିମନ୍ତ୍ରଣ ପାଇ ପ୍ରସିଦ୍ଧ ଚୀନ୍ ପରିବ୍ରାଜକ ହୁଏନ୍‌ସାଂ ଆସିଥିଲେ । ତାଙ୍କ ବିବରଣୀରୁ ଆସାମ ସଂପର୍କରେ ବହୁ କଥା ଜଣାପଡ଼ିଥାଏ । ତାଙ୍କ ମତରେ କାମରୂପରେ ମଧ୍ୟ ଏକ ସ୍ୱତନ୍ତ୍ର ଭାଷା ପ୍ରଚଳିତ ଥିଲା । ସେତେବେଳକୁ ଆର୍ଯ୍ୟ ସଂସ୍କୃତିର ପ୍ରଭାବ ଆସାମ ଉପରେ ପଡ଼ି ସାରିଥିଲା । ୭ମରୁ ୧୨ ଶ ଶତାବ୍ଦୀ ମଧ୍ୟରେ ବୌଦ୍ଧ ସନ୍ନ୍ୟାସୀ ସିଦ୍ଧାଚାର୍ଯ୍ୟଙ୍କ ରଚିତ ବହୁ କବିତା ଚର୍ଯ୍ୟା ଓ ଦୋହା ନାମରେ ବିଖ୍ୟାତ ହୋଇଛି । ତାହା ଆସାମ ଭାଷାର ଆଦିରୂପ ବୋଲି ପଣ୍ଡିତମାନେ କହନ୍ତି । ବହୁ ଭାଷା ଓ ଉପଭାଷାର ପ୍ରଭାବରେ ପ୍ରଭାବିତ ହୋଇ ଆଜି ତାହା ଏହି ଅବସ୍ଥାରେ ପହଞ୍ଚିଛି ।

### ଶଙ୍କର ଦେବ

ଯେଉଁ ମହାପୁରୁଷମାନେ ଆସାମୀ ଭାଷା ଓ ସଂସ୍କୃତିକୁ ଉନ୍ନତ କରିଥିଲେ, ସେମାନଙ୍କ ମଧ୍ୟରେ ଶଙ୍କର ଦେବ ପ୍ରଧାନ । କରଣ ବଂଶରେ ଜନ୍ମ ଗ୍ରହଣ କରି ସେ ସଂସ୍କୃତ ଭାଷାରେ ପାଣ୍ଡିତ୍ୟ ଅର୍ଜନ କରିଥିଲେ । କଳା, ସଂଗୀତ, ନୃତ୍ୟ ନାଟ୍ୟାଭିନୟ,



ଚିତ୍ରାଙ୍କନ ଆଦି ବିଭିନ୍ନ ଦିଗରେ ତାଙ୍କର ଦକ୍ଷତା ଥିଲା । ତାଙ୍କର ବ୍ୟକ୍ତିତ୍ୱ ବହୁ ଦିଗରେ ଫୁଟି ଉଠିଥିଲା ।


ସେ ଏପରି ଏକ ଧର୍ମ ପ୍ରଚାର କରିବାକୁ ଚାହିଁଥିଲେ ଯେଉଁଥିରେ ସେ ନିଜର ସବୁ ଦକ୍ଷତାର ବ୍ୟବହାର କରିପାରିଥିଲେ । ଏହା ଖୁବ୍ ସରଳ, ସାବଲୀଳ ଓ ସଙ୍ଗୀତ ଧର୍ମୀ ହୋଇଥିଲା । ତାକୁ ଜନସାଧାରଣ ସହଜରେ ଗ୍ରହଣ କରିପାରିଥିଲେ । ସେମାନେ ଏଥିରୁ ଶାନ୍ତି ଓ ସନ୍ତୋଷ ଲାଭ କରିପାରିଥିଲେ । ସବୁ ଧର୍ମକୁ ମିଳାଇ ସେ ଏହା କରିବାକୁ ଚେଷ୍ଟା କରିଥିଲେ ।

ଭାଗବତ ଓ ଗୀତାର ବର୍ଣ୍ଣନା କରାଯାଇଥିବା ବିଷ୍ଣୁଧର୍ମ ବା ବୈଷ୍ଣବ ଧର୍ମ ସେ ପ୍ରଚାର କରିଥିଲେ । ଏହି ଧର୍ମରେ ଉଚ୍ଚନୀଚ, ଧନୀଗରିବ ବା ଶିକ୍ଷିତ ଓ ଅଶିକ୍ଷିତର ଭେଦଭାବ ନଥିଲା । ସେ ଈଶ୍ୱରଙ୍କ କୀର୍ତ୍ତିଗାନ କରିଥିଲେ । ତାଙ୍କୁ ସୁମରଣା କରି, ତାଙ୍କର ନାମ ଗାଇ ଯେକୌଣସି ଲୋକ ଭକ୍ତ ହୋଇପାରିଥିଲେ । ସଂସାର ଜଞ୍ଜାଳରୁ ଉଦ୍ଧାର ପାଇ ପାରିଥିଲେ । ଏଥିପାଇଁ ସନ୍ନ୍ୟାସୀ ହେବା ଓ କଷ୍ଟରେ ଜୀବନ ଯାପନ କରିବାର ଆବଶ୍ୟକତା ନାହିଁ ବୋଲି ସେ କହୁଥିଲେ ।

ଶଙ୍କର ଦେବଙ୍କର ପ୍ରଚାରିତ ଧର୍ମ ଧାରଣାର ପ୍ରଚାର ପାଇଁ ତାଙ୍କର ପ୍ରିୟ ଶିଷ୍ୟମାନେ ଲାଗିପଡ଼ିଥିଲେ । ସେମାନଙ୍କ ମଧ୍ୟରେ ମାଧବ ଦେବ ଖୁବ୍ ଜଣାଶୁଣା । ସେ ରାମାୟଣ, ମହାଭାରତ ଓ ଭାଗବତ ପୁରାଣ ଆସାମୀ ଭାଷାରେ ଅନୁବାଦ କରିଥିଲେ । ଅବଶ୍ୟ ତାହା ଆକ୍ଷରିକ ଅନୁବାଦ ହୋଇ ନଥିଲା । ଆସାମର ସାମାଜିକ ଅବସ୍ଥାକୁ ଚାହିଁ ସେ ସେଥିରେ କେତେକ ପରିବର୍ତ୍ତନ କରିଥିଲେ । ଅନେକ ପୌରାଣିକ ଘଟଣାକୁ ମଧ୍ୟ ସେ ଆସାମୀ ଭାଷାରେ ରଚନା କରିଥିଲେ ।

ଏଗୁଡ଼ିକ ଗୀତରେ ଲେଖା ହୋଇଥିବାରୁ ଯେଉଁମାନେ ପଢ଼ିପାରୁ ଥିଲେ ସେମାନେ ଆନନ୍ଦ ଅନୁଭବ କରୁଥିଲେ । ସେ ସବୁକୁ ବଡ଼ ପାଟିରେ ପାଠ କରି ନିରକ୍ଷରମାନଙ୍କୁ ଶୁଣାଇ ଆନନ୍ଦ ପାଉଥିଲେ । ଏଥିରେ ସେମାନଙ୍କର ସନ୍ତୋଷ ରହିଥିଲା । ଆଗରୁ ଚଳୁଥିବା ରାଗ ଓ ତାଳରେ ସେ ଗୀତି, କବିତାମାନ ଲେଖିଥିଲେ । ସେ ସମୂହ ପ୍ରାର୍ଥନା ଓ ସଂକୀର୍ତ୍ତନରେ ସେ ସବୁ ଗାନ କରିବାର ବ୍ୟବସ୍ଥା କରିଥିଲେ । ପୌରାଣିକ କଥାଗୁଡ଼ିକୁ ନାଟକ ରୂପ ଦେଇଥିଲେ । ସେ ଅଭିନୟ ମଧ୍ୟରେ ଧର୍ମଶିକ୍ଷା ଦେଉଥିଲେ ।

ଶଙ୍କର ଦେବ 'ନାମଘର' ଗାଁ ଗଣ୍ଡାରେ ବସାଇଥିଲେ । ସେଠାରେ ପ୍ରତିଦିନ ଲୋକମାନେ ସମବେତ ହେଉଥିଲେ । ପୁରାଣ ପାଠ, ସଂକୀର୍ତ୍ତନ, ଧର୍ମ ଆଲୋଚନା ଆଦି ହେଉଥିଲା । ସେହି ନାମଘରେ ମଧ୍ୟ ସମାଜ ଓ ଧର୍ମର ସମସ୍ୟାମାନ ଆଲୋଚନା କରାଯାଉଥିଲା ।



ତାଙ୍କର ପ୍ରିୟ ଶିଷ୍ୟ ମାଧବ ଦେବଙ୍କ ପରେ ଦାମୋଦର ଦେବ, ବଂଶୀଗୋପାଳ ଦେବ ଆଦି ରାଜାମାନଙ୍କର ସାହାଯ୍ୟ ପାଇଥିଲେ । ଏହାଫଳରେ ବୈଷ୍ଣବ ଧର୍ମର ପ୍ରଚାର ହୋଇଥିଲା । ସତ୍ରା ନାମକ ଏକ ଅନୁଷ୍ଠାନ ମଧ୍ୟ ଏହି 'ଦେବମାନଙ୍କ' ଦ୍ୱାରା ପ୍ରତିଷ୍ଠିତ ହୋଇଥିଲା । ଏହା ଧର୍ମର ବିଚାର ଓ ପ୍ରଚାର ଘଟାଇଥିଲା । 'ପାଇକ' ପ୍ରଥାର ପ୍ରଚଳନ ଘଟି ଯୁଦ୍ଧ ଓ ଶାନ୍ତି ସମୟରେ ଲୋକବଳର ବ୍ୟବହାର କରାଯାଉଥିଲା ।

ଏହି ନୂତନ ବୈଷ୍ଣବ ଧର୍ମ ପ୍ରଚାରରେ ବହୁବାଧାର ସମ୍ମୁଖୀନ ହେବାକୁ ପଡ଼ିଥିଲା । ବ୍ରାହ୍ମଣମାନେ ପୁରୁଣା ଧର୍ମରେ ଆଗ୍ରହୀ ହୋଇ ଶଙ୍କର ଦେବଙ୍କ ନୂତନ ଧର୍ମ ଧାରଣାର ବିରୋଧ କରୁଥିଲେ । ସମୟ ସମୟରେ ରାଜା ଓ ଧନୀକ ଶ୍ରେଣୀ ମଧ୍ୟ ନିଜର ଗୌରବରେ ଆଞ୍ଚ ଆସିବା ଭୟରେ ଏହି ଧର୍ମର ପ୍ରତିରୋଧ କରିଥିଲେ । ସେଥିଯୋଗୁଁ ଶଙ୍କର ଦେବ

ଆସାମର ପୂର୍ବାଞ୍ଚଳରେ ଥିବା ନିଜର ଜନ୍ମସ୍ଥାନରୁ ଚାଲିଯାଇଥିଲେ । ପଶ୍ଚିମାଞ୍ଚଳରେ ଥିବା ବରପେଟା ପାଖ ପାଟବାଉଁଶୀରେ ବାସ କରିଥିଲେ । ପୁଣି ସେଠାରୁ ସେ କୁଚ ବିହାରରେ ଶେଷ ଜୀବନ ଯାପନ କରିଥିଲେ । ଏଠାରେ ସେ କୋଚବଂଶୀୟ ରାଜା ନରନାରାୟଣଙ୍କ ଦରବାରରେ ନିଜର ଭକ୍ତି, ପାଣ୍ଡିତ୍ୟ, କବିତ୍ୱ, ସଂଗୀତ ପ୍ରେମ, ଇତ୍ୟାଦି ବହୁ ସଦ୍‌ଗୁଣର ପରିଚୟ ଦେଇଥିଲେ । ଏଥିରେ ସମସ୍ତେ ସନ୍ତୁଷ୍ଟ ହୋଇ ପାରିଥିଲେ ।

**ଲୋକମାନଙ୍କ ଚଳଣି**

ଆସାମର ଗୋଟିଏ କାବ୍ୟରେ ଭୂତ ଛଡ଼ାଇବା ଉଦ୍ଦେଶ୍ୟରେ ବହୁ କର୍ମକର୍ମାଣିର ବର୍ଣ୍ଣନା ରହିଛି । ଉକ୍ତ କାବ୍ୟଟିର ନାମ 'ଖୋବା ଖୋବି ଚରିତ' । ଏହା ବଡ଼ ପାଟିରେ ପାଠ କରାଯାଉଥିଲା ।

ବୈଷ୍ଣବମାନେ ସେତେବେଳ ତୀର୍ଥଯାତ୍ରା ଉପରେ ବିଶେଷ ଗୁରୁତ୍ୱ ଦେଉ ନଥିଲେ । କାରଣ ସେମାନେ କହୁଥିଲେ - ''ସବୁରି ତୀର୍ଥ ତୋ ଚରଣେ ବଦ୍ରିକା ଯିବୁ କି କାରଣେ ।'' ଶ୍ରୀକୃଷ୍ଣଙ୍କ ମହିମାଗାନ ବା ନାମ ସଂକୀର୍ତ୍ତନ କଲେ ଯଥେଷ୍ଟ ସନ୍ତୋଷ ବା ପୁଣ୍ୟଫଳ ମିଳି ପାରିବ । ତା' ସତ୍ତ୍ୱେ ଶଙ୍କର ଦେବ ଭାରତର ବିଭିନ୍ନ ତୀର୍ଥ ସ୍ଥାନକୁ ଯାତ୍ରା କରୁଥିଲେ । ନିଜ ଜୀବନକାଳ ମଧ୍ୟରେ ସେ ଦୁଇଥର ଗଙ୍ଗା ଆଦି ପବିତ୍ର ନଦୀରେ ଗାଧୋଇଥିଲେ । ତାଙ୍କର ଦ୍ୱିତୀୟ ଥର ତୀର୍ଥଯାତ୍ରାରେ ସେ ପ୍ରିୟ ଶିଷ୍ୟ ମାଧବଦେବ ଓ ଶହ ଶହ ଶିଷ୍ୟମାନଙ୍କୁ ସାଥୀରେ ନେଇଥିଲେ । ତୀର୍ଥ ସ୍ଥାନଗୁଡ଼ିକ ମଧ୍ୟରେ ପୁରୀର ଜଗନ୍ନାଥ କ୍ଷେତ୍ର ପ୍ରଧାନ ସ୍ଥାନ ଲାଭ କରିଥିଲା ।

ଆସାମର ଅଧିକାଂଶ ଲୋକ ଆମିଷ ଖାଆନ୍ତି । ଅଳ୍ପ କେତେକ ଆମିଷ ଖାଆନ୍ତି ନାହିଁ । ବହୁ ପ୍ରକାର ପିଠା, ପାୟସ, ଆଚାର, ଚଟଣି, ପନିପରିବା, ତରକାରୀ, ଡାଲି, ଭାତ, ଆଦି ଆହାର କରିଥାନ୍ତି । ଆମ ପରି ତରକାରୀପତ୍ର, ପିଠାପଣା ପ୍ରଭୃତିରେ

ନାନାପ୍ରକାର ମସଲା ବ୍ୟବହାର କରନ୍ତି । ଲୋକମାନେ ପାନସୁପାରି ଖାଦ୍ୟ ପରେ ବ୍ୟବହାର କରିଥା'ନ୍ତି । ଅତିଥିମାନଙ୍କୁ ଏହାକୁ ଦେଇ ଚର୍ଚ୍ଚା କରନ୍ତି ।

ଆସାମୀୟମାନଙ୍କର ଅଳଙ୍କାରପତ୍ର, ଯାନିଯାତ୍ରା, ମେଳାମଉଚ୍ଛବ ଆଦିରେ ଆମ ସହିତ ବହୁ ସାମଞ୍ଜସ୍ୟ ରହିଛି । କାଠ, ବାଉଁଶ, ପଥର ଇତ୍ୟାଦିରେ ଖୁବ୍ ସୁନ୍ଦର କାରୁକାର୍ଯ୍ୟ ହୋଇଥାଏ । ବର୍ଷାସାରା ବହୁ ପର୍ବପର୍ବାଣି ପାଳିତ ହୋଇଥାଏ । ସେଥିରେ ବହୁ ନୃତ୍ୟଗୀତ ଓ ଭୋଜିଭାତ ହୁଏ ।  ବହୁ ପର୍ବପର୍ବାଣି ଚାଷବାଡ଼ିକୁ ନେଇ ଗଢ଼ି ଉଠିଥାଏ ।

**ପର୍ବପର୍ବାଣୀ ଓ ଧର୍ମକାର୍ଯ୍ୟ**

ଫଗୁଣ ମାସର ହୋଲିପର୍ବକୁ ସେମାନେ ଫଗୁଆ କହନ୍ତି । ଖୁବ୍ ଜାକଜମକରେ ଏହି ପର୍ବ ପାଳନ କରାଯାଏ । ଏହି ଉତ୍ସବରେ ଯୁବକଯୁବତୀମାନେ ମିଳିମିଶି ନାଚନ୍ତି ଓ ଗୀତ ଗାଆନ୍ତି । ମଶାମାନଙ୍କୁ ତଡ଼ିବାକୁ କାଠିକୁ କାଠି ବଜାନ୍ତି । ମଉଜିଆ ପୋଷାକ ପିନ୍ଧନ୍ତି, ମୁଖା ମଧ୍ୟ ବ୍ୟବହାର କରନ୍ତି । ଧନୀମାନଙ୍କ ଘରେ ଏହି ପର୍ବ ବେଶୀ ଆଡ଼ମ୍ବରରେ ପାଳିତ ହୁଏ । ଏହି ଉତ୍ସବକୁ ସେମାନେ ମହୋହୋ (ମଶା ତଡ଼ିବା) ନାମ ଦେଇଥାନ୍ତି । ବିହୁ ପର୍ବ ଆସାମୀୟମାନଙ୍କରେ ଏକ ବିଶେଷ ପର୍ବ । ଏହାକୁ ସମସ୍ତେ ଖୁବ୍ ଆନନ୍ଦରେ ପାଳନ କରିଥାନ୍ତି ।

ଏହା ଅସମୀୟା ଲୋକମାନଙ୍କର ଏକ ଜାତୀୟ ପର୍ବ । ବର୍ଷକ ମଧ୍ୟରେ ତିନୋଟି ବିହୁ ପର୍ବ ପାଳନ କରାଯାଏ । ଏଗୁଡ଼ିକ ହେଲା ବୈଶାଖ ବିହୁ, କାର୍ତ୍ତିକ ବିହୁ ଓ ମାଘ ବିହୁ । ଆମର ରଜପର୍ବ ପରି ଆସାମର ବୈଶାଖ ବିହୁ ପାଳିତ ହୁଏ । ଏଥିରେ ଝିଅମାନେ ତିନିଦିନ ଧରି ନାଚଗୀତରେ ଖୁବ୍ ମାତିଯା'ନ୍ତି । କାର୍ତ୍ତିକ ବିହୁ ପର୍ବରେ ଲକ୍ଷ୍ମୀଙ୍କୁ ପୂଜା କରାଯାଏ । ମାଘ ବିହୁ ପର୍ବ ଆମର ମକର ମେଳା ଓ ଅଗିରା ପୁନିଅ ଉତ୍ସବ ପରି ପାଳନ କରାଯାଏ । କାଠ ବାଉଁଶର ଏକ ଘର ତିଆରି କରି ସେଥିରେ ନିଆଁ ଲଗାଇ



ଦିଆଯାଏ । ନୂଆ ଫସଲରୁ କିଛି କିଛି ସେଥିରେ ଫିଙ୍ଗି ପୂଜାରଜା କରାଯାଏ । ମଧୁର ବିହୁଗୀତ ଓ ନାଚରେ ଚଉଦିଗ ଉଚ୍ଛୁଳି ଉଠେ ।

ବିହୁଗୀତ ଗୁଡ଼ିକରେ ଆସାମର ନଦୀ-ପାହାଡ଼, ତରୁ-ଲତା, ପଶୁ-ପକ୍ଷୀ, ଖାଦ୍ୟ-ପେୟ ଆଦି ସୁଖଦୁଃଖର କଥାଥାଏ । ଲୋହିତ, ବ୍ରହ୍ମପୁତ୍ର ଆଦି ବଡ଼ ବଡ଼ ନଦୀକୁ ଏଥିରେ ଦେବଦେବୀ ଭାବରେ ବର୍ଣ୍ଣନା କରାଯାଇଛି । ବଣ ପାହାଡ଼କୁ ବି ଦେବତା ଭାବରେ ଏହିସବୁ ଗୀତରେ ଚିତ୍ରଣ କରାଯାଇଛି । ନାନାପ୍ରକାର ଭୋଜି ଭାତରେ ଲୋକମାନେ ମାତିଯା'ନ୍ତି ।

ଆସାମ କାଠ ବାଉଁଶ ଓ ମାଟି ପଥରର ଦେଶ । ଏ ସବୁ ଜିନିଷରେ ଅସମୀୟା ଲୋକମାନେ ଘର ତୋଳନ୍ତି । ଏହି ଘରମାନଙ୍କୁ ନାନା ପ୍ରକାରରେ ସୁନ୍ଦର କରି ସଜାଇବାରେ ସେମାନେ ଆନନ୍ଦ ପା'ନ୍ତି । ଦେବଦେବୀଙ୍କ ପ୍ରାର୍ଥନା ବିହୁଗୀତରେ ବହୁଳ ଭାବରେ ଥାଏ । ଅତୀତର ଚଳଣି ରୀତିନୀତି, ଖାଦ୍ୟପୋଷାକ, ଆଦି ସଂପର୍କରେ ବିହୁଗୀତରେ ବହୁ ବର୍ଣ୍ଣନା ଦେଖିବାକୁ ମିଳେ । ସମାଜର ସତ ଘଟଣା ଓ ଅବସ୍ଥାର ଚିତ୍ରମାନ ବିହୁଗୀତ, ନାଚ ଓ ପୂଜାରଜାରେ ପ୍ରକାଶ ପାଇଥାଏ ।


ଆହୋମମାନେ ଆସାମକୁ ନିଜର ମାତୃଭୂମି ଭାବରେ ଗ୍ରହଣ କରିନେବା ସଂଗେ ସଂଗେ ତା'ର ଭାଷା, ସଂସ୍କୃତି, ଧର୍ମଧାରଣା ଇତ୍ୟାଦିକୁ ଆପଣାର କରିନେଇଥିଲେ । ସେମାନେ ନିଜ ରାଜ୍ୟର ଯୁଦ୍ଧ ଓ ଶାନ୍ତି ପାଇଁ ଯେଉଁ ପାଇକ ବ୍ୟବସ୍ଥା ପ୍ରଚଳନ କରିଥିଲେ, ତାହା ଖୁବ୍ ସଫଳତା ଲାଭ କରିଥିଲା । ପାଇକମାନେ ବର୍ଷକୁ ପ୍ରାୟ ତିନିମାସ ଲୋକ ହିତକର କାର୍ଯ୍ୟକଳାପରେ ନିଯୁକ୍ତ ହେଉଥିଲେ । ରାସ୍ତାଘାଟ ତିଆରି, କୂଅ, ପୋଖରୀ ଖୋଳା ଆଦି କାର୍ଯ୍ୟ ସେମାନେ କରୁଥିଲେ । ଏହି ଶ୍ରମଦାନ ପାଇଁ ସେମାନଙ୍କୁ ଭଲ ଧାନ ଜମିରୁ ତିନି ଏକର ଖଞ୍ଜା ରୂପେ ଦିଆଯାଉଥିଲା ।

ଆସାମ ସାରା ଦେଶରେ ଏକ ବିଖ୍ୟାତ ଶକ୍ତି ତଥା ତନ୍ତ୍ରପୀଠ ଥିଲା । ବୈଷ୍ଣବ ଧର୍ମର ଲୋକପ୍ରିୟତା ମଧ୍ୟ କମ୍ ନଥିଲା । ସେଠାରେ କଳା ସଂସ୍କୃତି ମୁଖ୍ୟତଃ କୃଷିକୁ ନେଇ ଗଢ଼ି ଉଠିଥିଲା । ଯୌତୁକ ପ୍ରଥା, ଶିଶୁକନ୍ୟା ହତ୍ୟା ଆଦି ସାମାଜିକ ପ୍ରଥାମାନ ସେଠାରେ ଦେଖାଯାଏ ନାହିଁ । ବରଂ ସେଠାରେ ନାରୀମାନେ ଅଧିକ ସମ୍ମାନ ପାଇଥା'ନ୍ତି । ଗରିବ ଘରେ କନ୍ୟାପିତାଙ୍କୁ ବରପିତା ସାହାଯ୍ୟ ଦେଇଥା'ନ୍ତି ।

ସେଦିନ ସନ୍ଧ୍ୟା ଲାଗି ଆସିଲା । ମଝିରେ ମଝିରେ ଝିପ୍ ଝିପ୍ ବର୍ଷା ହେଉଥାଏ । ମୁଁ ଅତିଥି ଭବନକୁ ଫେରି ଆସିଲି । ଦୂର ଦିଗ୍‌ବଳୟ ତଳେ ବଣ ପାହାଡ଼ ଆଦି ଅନ୍ଧାର ଭିତରେ ଲୁଚିଗଲେ । ସହରର ରାସ୍ତା କଡ଼ରେ ଓ ବଡ଼ ବଡ଼ ପକ୍କା ଘରେ ବିଜୁଳିବତୀମାନ ଜଳି ଉଠିଲା ।

## କାମାକ୍ଷାଦେବୀଙ୍କ ପଥେ

୧୯୯୦ ମସିହା ଅଗଷ୍ଟ ଦୁଇ ତାରିଖ । ମୁସଲମାନଙ୍କର ମହରମ ପର୍ବ । ସବୁଆଡ଼େ ଛୁଟି ହୋଇଥିଲେ ହେଁ ଗୌହାଟୀ ବିଶ୍ୱବିଦ୍ୟାଳୟର ତାଲିମ କାର୍ଯ୍ୟ ବନ୍ଦ ନଥିଲା । ଦଶଟା ବେଳେ ମୋର ଭାଷଣ ଦେବା କଥା । ମୁଁ ତେଣୁ ପୂର୍ବଦିନ ସନ୍ଧ୍ୟାରେ କାମାକ୍ଷା ଦର୍ଶନରେ ଯିବା ପାଇଁ ତାଲିମ ମହାବିଦ୍ୟାଳୟର ନିର୍ଦ୍ଦେଶକ ଡକ୍ଟର ଶର୍ମାଙ୍କୁ କହିଥିଲି । ମାତ୍ର ସେ ଆଜି ସକାଳେ ଯିବା ପାଇଁ ପରାମର୍ଶ ଦେଇଥିଲେ । କାରଣ ତାଙ୍କର ଉଦ୍ଦେଶ୍ୟ ହେଲା କାମାକ୍ଷାଙ୍କ ଦର୍ଶନ ପୂର୍ବରୁ କୌଣସି ଖାଦ୍ୟ ଗ୍ରହଣ କରାଯାଏ ନାହିଁ ।



ତେଣୁ ସକାଳ ସାଢ଼େ ୭ଟାରେ ମୁଁ ପ୍ରସ୍ତୁତି ହୋଇଥିବି । କାର୍ ଆସି ମୋତେ ଅତିଥିଶାଳାରୁ ନେବ । ମୁଁ ଏହି ପ୍ରସ୍ତାବ ଆନନ୍ଦରେ ଗ୍ରହଣ କରିନେଲି ।

ମାତ୍ର ସକାଳୁ ନିତ୍ୟକର୍ମ ସାରି ଅପେକ୍ଷା କରିଛି । ଚତୁର୍ଦ୍ଦିଗରୁ ପ୍ରବଳ ବର୍ଷା ଓ ବତାସ ଘୋଟି ଆସିଲା । କଳାହାଣ୍ଡିଆ ମେଘ ସହିତ ଭୟଙ୍କର ଘଡ଼ଘଡ଼ି । ମଝିରେ ମଝିରେ ମୁଣ୍ଡ ଉପରେ ଚଡ଼ ଚଡ଼ି ପଡ଼ିଗଲା ପରି ଲାଗୁଥାଏ । ଏହି ଅବସ୍ଥାରେ ବିଚରା ଡ୍ରାଇଭର କାର୍ ଆଣି କେମିତି ଆସିବ ? ହତାରେ ଆଣ୍ଠୁଏ ପାଣି । ଅତିଥିଭବନ ବାରଣ୍ଡାରେ ମଧ୍ୟ ଖୁବ୍ ବର୍ଷା । ଆସାମର ଚେରାପୁଞ୍ଜି ବର୍ଷାପାତ କଥା ମନେ ପଡ଼ିଲା । ଏଠାରେ ସର୍ବାଧିକ ବର୍ଷା ହୁଏ ବୋଲି ଆମେ ଭୁଗୋଳ ବହିରେ ପଢ଼ିଥିଲୁ ।

୮ଟା ୧୫ ମିନିଟ୍‌ରେ ବର୍ଷା ଟିକିଏ କମିବାରୁ କାର୍ ପହଞ୍ଚିଲା । ଆମେ କାମାକ୍ଷା ଦର୍ଶନରେ ବାହାରିଲୁ । ମାଲିଗାଓଁ ବଜାର ମଧ୍ୟରେ କାର୍ ଚାଲିଲା । ଉଚ୍ଚରୁ ଉଚ୍ଚତର ବଣ ପାହାଡ଼ିଆ ରାସ୍ତାରେ ଉଠିଲା । ଡ୍ରାଇଭରର ନାଁ କୁତବ୍ । ମୁସଲମାନ ପିଲାଟିଏ । ଖୁବ୍ ପରିଶ୍ରମୀ ଓ ଚତୁର । ତା'ର ବ୍ୟବହାର ମଧ୍ୟ ଭଲ ।

ସବୁଜ ସୁନ୍ଦର ପ୍ରକୃତି ମଧ୍ୟରେ ଆମେ ଉପରକୁ ଉପରକୁ ଉଠିଲୁ । ଆମ ରହଣି ସ୍ଥାନରୁ କାମାକ୍ଷା ମନ୍ଦିର ପ୍ରାୟ ୧୦ କିଲୋମିଟର । ବଣ ପାହାଡ଼ିଆ ରାସ୍ତା ହୋଇଥିବାରୁ ସମ୍ଭବତଃ ଗତକାଲି ଶର୍ମା ସନ୍ଧ୍ୟା ଦର୍ଶନ ପାଇଁ ଉପଦେଶ ଦେଇନଥିଲେ ।

ଆମକୁ ଏବେ ଆଗକୁ ୩/୪ କିଲୋମିଟର ଯିବାକୁ ହେବ ମନ୍ଦିର ପାଖରେ ପହଞ୍ଚିବା ପାଇଁ । ପୂରା ଉଠାଣି ରାସ୍ତା । ହଠାତ୍ ଗାଡ଼ିଟି ରହିଗଲା । କ'ଣ ଅସୁବିଧା ପରୀକ୍ଷା ନିରୀକ୍ଷା କରିବାରେ କୁତବ୍ ବିଚରା ଲାଗିଗଲା । ଶେଷରେ କହିଲା - ତେଲ ଆଦୌ ନାହିଁ । ମୁଁ ପଚାରିଲି କ'ଣ କରିବା ? କାହାକୁ ମାଗିବା ?

ବହୁଗାଡ଼ି ସେଇ ରାସ୍ତାରେ ଯାଉଥିଲେ । କିନ୍ତୁ ଆଜିର ମହର୍ଗ କାଳରେ କାହାକୁ ତେଲ ମାଗିବାକୁ ମନ ହେବ ! କୁତବ୍ ଗାଡ଼ିପଛ ଡିକି ଖୋଲିଲା ପ୍ଲାଷ୍ଟିକ୍ ପାଇପ୍ ଲଗାଇ

ଯାହା ତଳତଳିଆ ପେଟ୍ରୋଲ ରହିଯାଇଥିଲା, ଗୋଟିଏ ବୋତଲକୁ ବାହାର କଲା । ଆଗ ବନେଟ୍ ଖୋଲି ଇଞ୍ଜିନ୍ ପାଖରେ ସେଇ ବୋତଲକୁ ଗୋଟିଏ କନାଧଡ଼ିରେ ମଜବୁତ କରି ବାନ୍ଧିଲା । ଇଞ୍ଜିନ ଚେଇଁ ଉଠିଲା । ଗାଡ଼ି ଚାଲିଲା । ମାତ୍ର କେଉଁଠି ପୁଣି ସରିଯିବ ! ତାହା ହିଁ ମୋର ଚିନ୍ତା ହେଲା । ଆଖପାଖରେ ଆଉ ତେଲଟାଙ୍କି ନାହିଁ । ଖାଲି ପାହାଡ଼ ଆଉ ଜଙ୍ଗଲ ।


ଯାହା ହେଉ ମନ୍ଦିର ପାଖରେ ପହଞ୍ଚିଲୁ । ସେଠାରେ ଜଣେ ପଣ୍ଡା ଯୁବକ ମୋତେ ଦର୍ଶନ କରାଇଦେବେ ବୋଲି କହିଲେ । ବହୁ ପଣ୍ଡା ଲାଲବସ୍ତ୍ର ପିନ୍ଧି ସେଠାରେ ଭିଡ଼ ଜମାଇ ଥା'ନ୍ତି । କୁତବ୍ ପଚାରିଲା 'ମୁଁ ଯିବି' ?

ମାତ୍ର ମୁଁ ଦେଖିଲି ସେ ଗାଧୁଆପାଧୁଆ କରିନାହିଁ । କିଏ କ'ଣ ବାଧା ସୃଷ୍ଟି କରୁଥିବେ । ମୁଁ ତେଣୁ ପଚାରିଲି - ''ତୁମେ କେବେ ମନ୍ଦିର ଭିତରକୁ ଯାଇଛ ?'' ସେ କହିଥିଲା - ''ହଁ, ଏହାତ ଦିଲ୍ କା ବାତ୍ (ହୃଦୟର କଥା) !''

ମୁଁ କହିଲି - ହଁ ଠିକ୍ କଥା । ମନ ସଫାଥିଲେ ଗଡ଼ିଆ ଗଙ୍ଗା । ଯଦି ଭିତରକୁ ଯିବାକୁ ଚାହୁଁଛ ଆସିପାର ।

ତା'ର ଟିକିଏ କୁଣ୍ଠାଇବା ଅବସ୍ଥା ଦେଖି ମୁଁ କହିଲି - ତେବେ ତୁମେ ଗାଡ଼ି ପାଖରେ ଥାଅ । ମୁଁ ଦର୍ଶନ କରି ଶୀଘ୍ର ଚାଲି ଆସୁଛି । ପଣ୍ଡା ମହାଶୟ ଆଗେ ଆଗେ ଚାଲିଲେ । ମୁଁ ତାଙ୍କ ପଛେ ପଛେ ଗଲି । ପ୍ରଥମେ ସେ ଏକ ପୋଖରୀ କୂଳରେ ପହଞ୍ଚିଲେ । ସେଠାରେ କିଛି ଜଳ ପୁଷ୍ପାଞ୍ଜଳି ପରି ଧରିଲି । ସେ ମନ୍ତ୍ରପଢ଼ି ମୋତେ ଦୋହରାଇବାକୁ କହିଲେ । ମୁଁ ତାହା କଲାପରେ ପାଖରେ ଥିବା ଗଣେଶ ଓ ଭୈରବୀଙ୍କ ଦର୍ଶନ ମଧ୍ୟ କରାଇଲେ । ଏହି ପୁଷ୍କରଣୀର ନାମ ସୌଭାଗ୍ୟକୁଣ୍ଡ, ଯେଉଁଠି ପ୍ରଥମେ ଯାତ୍ରୀମାନେ ତର୍ପଣ କରନ୍ତି ।

ତାପରେ ଆମେ ପାହାଚରେ ତଳ ଉପର ହୋଇ କିଛିବାଟ ଗଲୁ । ଅନେକ ପ୍ରକାରେ ଘର, ମନ୍ଦିର, ଚଉତରା ଆଦି ବିଭିନ୍ନ ସମୟରେ ତିଆରି ହୋଇଥିବାର



ଜଣାଗଲା । କୌଣସି ଯୋଜନା ବା ନିର୍ଦ୍ଦିଷ୍ଟ ଧାରା ସେଥିରେ ଥିଲା ପରି ଜଣାଗଲା ନାହିଁ । ଦେବଦେବୀ ଓ ଅନ୍ୟାନ୍ୟ ମୂର୍ତ୍ତିମାନ ମଧ୍ୟ କଞ୍ଚା ହାତରେ ହେଲାପରି ଲାଗିଲା । ଅବଶ୍ୟ ବହୁ କାଳରୁ ସେଗୁଡ଼ିକ ତିଆରି ହୋଇ ଆସିଛି । ମୋଟାମୋଟି ସେ ସବୁ କାରୁକଳାରେ ବିଶେଷ ସୌନ୍ଦର୍ଯ୍ୟର ସୂଚନା ମିଳିଲା ନାହିଁ ।

ଦର୍ଶନ ପାଇଁ ସେତେବେଳକୁ ଯାତ୍ରୀମାନଙ୍କର ଲମ୍ବାଧାଡ଼ି ଲାଗିଯାଇଛି । ପ୍ରବଳ ବର୍ଷାପରେ ମଧ୍ୟ ମଝିରେ ମଝିରେ ଝିପ୍ ଝିପ୍ ବର୍ଷା ହେଉଛି । ତୀର୍ଥଯାତ୍ରୀଙ୍କର ଉତ୍ସାହ ଓ ନିଷ୍ଠାର ଅଭାବ ନାହିଁ । ପ୍ରାୟ ଦେଢ଼ ଶହ ଯାତ୍ରୀଙ୍କ ପଛରେ ମୁଁ ଠିଆ ହୋଇଥିଲି ।


ତିରୁପତିଙ୍କ ଠାରେ ଧାଡ଼ିଲାଗିଲା ପରି ମନେ ହେଲା । ଧାଡ଼ି ଆଗେଇ ଚାଲିଥାଏ ଧୀର ମନ୍ଥର ଗତିରେ ।

ମୁଁ ଆସ୍ତେ ଆସ୍ତେ ଆଗେଇବାରେ ଲାଗିଥାଏ । ମନ ଟିକିଏ ଅସ୍ଥିର ହେଉଥାଏ । ସମୟରେ ଫେରି ବକ୍ତୃତା ଦେବାକୁ ହେବ । ମୁଁ ଧାଡ଼ିରେ ଠିଆ ହେବା ପୂର୍ବରୁ କିଛି ଭୋଗ ଓ ଫୁଲମାଳଟିଏ କିଣିଥିଲି । ତାକୁ ଉକ୍ତ ପଣ୍ଡା ନିଜ ପାଖରେ ରଖିଥା'ନ୍ତି । ସେ ଏପଟ ସେପଟ ହୋଇ ଯାତ୍ରୀ ଅନ୍ୱେଷଣରେ ଥା'ନ୍ତି । ଥରେ ସେ ଆସି ଜଣଙ୍କୁ ଦେଖାଇ କହିଲେ, - ଏଇ ମୋର ଭାଇ । ସେ ଆପଣଙ୍କର ପୂଜାକାର୍ଯ୍ୟ କରିଦେବ ।

ମୋର ହଁ କି ନାଁ କହିବାର ଚାରା ନଥିଲା । ତେଣୁ ମୁଣ୍ଡଟୁଙ୍ଗାରିଲି । ସମ୍ଭବତଃ ୯ଟାରୁ ସାଢ଼େ ଦଶଟା ବାଜିଲାଣି । ଧାଡ଼ିରେ ସେମିତି ଗତି କରିବାରେ ଲାଗିଥାଉ । ଭାରିଭିଡ଼, ଖୁବ୍ ଗହଳି ! କାମାକ୍ଷା ମନ୍ଦିର ଭିତରେ ପ୍ରବେଶ  କରିବା ମାତ୍ରେ ଦେଖିଲି ଦୁଇଟି ମୂର୍ତ୍ତି ପୂଜା ହେଉଛନ୍ତି । ଅଷ୍ଟଧାତୁରେ ସେଗୁଡ଼ିକ ଗଢ଼ା । କାମେଶ୍ୱରୀ ବାମେଶ୍ୱରୀ ନାମରେ ସେମାନେ ଖ୍ୟାତ । ସେମାନଙ୍କୁ ହରଗୌରୀ ମଧ୍ୟ କହନ୍ତି ।

ମନ୍ଦିର ମଧ୍ୟରେ ଧାଡ଼ିମାନ ବଙ୍କାଟଙ୍କା ହୋଇ ଲମ୍ବିବାରେ ଲାଗିଛି । ମନ୍ଦିର କାନ୍ଥରେ ବହୁ ଦେବଦେବୀ ଓ ପୌରାଣିକ ଚରିତ୍ରଙ୍କର ମୂର୍ତ୍ତି । ତା' ମଧ୍ୟରେ ଦ୍ରୋଣାଚାର୍ଯ୍ୟ ଓ ରାଜା ରାଣୀଙ୍କ ମୂର୍ତ୍ତି ମଧ୍ୟ ରହିଛି । ଲକ୍ଷ୍ମୀ, ସରସ୍ୱତୀ, ମଙ୍ଗଳା, କଲ୍କୀ ଅବତାର, ଶ୍ରୀରାମଚନ୍ଦ୍ର, ଯୁଧିଷ୍ଠିର, ବଟୁ ଭୈରବ, ନୀଳକଣ୍ଠ ମହାଦେବ, ନନ୍ଦୀ, ଭୃଙ୍ଗୀ, କପିଳମୁନି, ମାନସ ଦେବୀ, କୁମାରୀ ଦେବୀ ଆଦି ପୂଜା ପାଉଛନ୍ତି । ଏହା ବ୍ୟତୀତ କୁଚବିହାର ମହାରାଜା, ମହାରାଣୀଙ୍କ ମୂର୍ତ୍ତି ରଖାଯାଇଛି ।

ଯଥା ସମୟରେ ମୋର ପଣ୍ଡା ସେଠାରେ ପହଞ୍ଚି ଭୋଗରାଗ କରାଇଲେ । ପୁଣି ତଳକୁ ଦଶୋଟି ପାହାଚ ପାରି ହେବା ପରେ ଆମେ ଆଉ ଗୋଟିଏ ମନ୍ଦିର ମଧ୍ୟରେ ପହଞ୍ଚିଲୁ । ଖୁବ୍ ଭିଡ଼ । ସଂକୀର୍ଣ୍ଣ ସ୍ଥାନ । ବର୍ଷାଦିନେ ମଧ୍ୟ ଭାରି ଗରମ । ପୂଜା ଅର୍ଚ୍ଚନା ଶେଷ ହେଲା । ସେତେବେଳକୁ ମନ ମୋର  ଭାରି ଛଟପଟ ହେଲାଣି । ପୁଣି ବକ୍ତୃତା



କାମ ରହିଛି । ବେଳ ହେଲାଣି । ସିଧାବାଟ ଦେଖି ଚାଲିଆସିବାକୁ ଚାହିଁଲେ ବି ପଣ୍ଡାଙ୍କର ଅନୁରୋଧ ସେଇଧାଡ଼ି ଧରି ଧୀରେ ସୁଷ୍ଠେ ଯିବା ପାଇଁ ।

ଦର୍ଶନ ସାରି ମନ୍ଦିର ଭିତରୁ ବାହାରିଲି । ମନ୍ଦିର ହତାରେ କାଳୀ, ତାରା, ଭୁବନେଶ୍ୱରୀ, ଭୈରବୀ, ଛିନ୍ନମସ୍ତା, କୋଟିଲିଙ୍ଗ, ଆଘୋର, ଆଦି ଦେବଦେବୀଙ୍କର ସାନବଡ଼ ମନ୍ଦିର ରହିଛି । ମାତ୍ର ମୁଁ ଶୀଘ୍ର ସେ ସବୁ ପରିକ୍ରମା କରିଦେଲି । ସେଠାରେ ଚାକୁଣ୍ଡା ଗଛରୁ ଆରମ୍ଭ କରି ସବୁ ଜାତିର ଗଛଲତା । ଭଲଫଳ ଧରିଥିବା ନଡ଼ିଆ ଗଛମାନ

ଦେଖି ମୁଁ ଆଶ୍ଚର୍ଯ୍ୟ ହେଲି । ଗୋଟିଏ ନିରୀହ ବୋଦାଛୁଆକୁ ଭିଡ଼ି ଭିଡ଼ି ଜଣେ ପଣ୍ଡା କୁଆଡ଼େ ନେଉଥିବାର ଦେଖିଲି । ସମ୍ଭବତଃ ତାକୁ ବଳି ପକାଇବେ । ମାତ୍ର ପରେ ପରେ ଦେଖିଲି ଅନେକ ବୋଦା ସେଠାରେ ବୁଲୁଛନ୍ତି । ଧଳା ଓ ମାଟିଆ ପାରା ବହୁ ସଂଖ୍ୟାରେ ସେଠାରେ ଉଡ଼ି ବୁଲୁଥିଲେ । ଝରଣାର କୁଳୁକୁଳୁ ଶବ୍ଦ ଶୁଭୁଥିଲା । ମୋ ସାଥୀରେ ଜଣେ ଯୁବକ ସବୁ ପୂଜାର୍ଚ୍ଚନା ବେଳେ ସାଥୀ ହୋଇଥିଲେ । ସେ ଆସାମର ଶିବସାଗର ଅଞ୍ଚଳରୁ ପ୍ରଥମଥର ପାଇଁ ଆସିଥିଲେ ।

ବାଟ କେତେ ତାଙ୍କୁ ପଚାରିବାରୁ ସେ ନିର୍ଦ୍ଦିଷ୍ଟ ଭାବରେ କହିପାରିଲେ ନାହିଁ । ତେଣୁ ବସ୍‌ରେ କେତେ ଭଡ଼ା ଦେଇ ଆସିଲେ ପଚାରିବାରୁ ସେ ୮୦ ଟଙ୍କା ଖର୍ଚ୍ଚ କଲେ ବୋଲି କହିଲେ । ତେବେ ବିଳମ୍ବ ହୋଇଥିବାରୁ ପଣ୍ଡାଙ୍କୁ ଦକ୍ଷିଣା ଦେଇ ଓ ମୋର ଭୋଗତକ ତାଙ୍କଠାରୁ ସଂଗ୍ରହ କରି କାର୍ ପାଖକୁ ଧାଇଁଲି । କୁତବ୍ ପାଖରେ କେଉଁଠି ଥିଲା, ଚାଲି ଆସିଲା । ଆମେ ଟିକେ ଟିକେ ପ୍ରସାଦ ପାଇଲୁ । ସାଥୀହୋଇ ଜଳଖିଆ ଟିକେ କରିବାକୁ ଚାହିଁବାରୁ ସେ କହିଲା - ଚାଲନ୍ତୁ ଆଗେ ତଳକୁ ଗଡ଼ିଯିବା । ସେଠାରେ ବଜାରରେ ଖାଇବା ।

### ଫେରିବା ବାଟରେ ଅସୁବିଧା


ମାତ୍ର ଦୁର୍ଭାଗ୍ୟକୁ ଅଫିସ୍ ବେଳ ହୋଇଥିବାରୁ ରାସ୍ତାରେ ସବୁତକ ଭିଡ଼ । ପୁଣି ହଠାତ୍ ପେଟ୍ରୋଲ ସରିଗଲା । କେଉଁଠୁ ଆଣିବାର ଉପାୟ ନାହିଁ । ପେଟ୍ରୋଲ ଟାଙ୍କି ସେଠାରୁ ଦୂର । କୁତବ୍ ପୁଣି ପୂର୍ବପରି କାରର ପଛ ଡିକି ଖୋଲି ପାଇପ୍‌ରେ ଶେଷବିନ୍ଦୁ ପେଟ୍ରୋଲତକ ସଂଗ୍ରହ କଲା । ସେତକ ପକାଇ ବହୁକଷ୍ଟରେ ପାଖ ପେଟ୍ରୋଲ ଟାଙ୍କି ପର୍ଯ୍ୟନ୍ତ ଗଲୁ । ସେଠାରୁ ପେଟ୍ରୋଲ ପକାଇ ବିଳମ୍ବ ହୋଇଯାଇଥିବାରୁ ସିଧା ବିଶ୍ୱବିଦ୍ୟାଳୟକୁ ଗଲୁ । ବକ୍ତୃତାଦେବା ସମୟ ହୋଇଥିବାରୁ ଜଳଖିଆ ଖାଇପାରିଲୁ ନାହିଁ । ମାତ୍ର କୁତବ୍‌କୁ ନିମନ୍ତ୍ରଣ କଲି ମୋ ସାଥୀରେ ମଧ୍ୟାହ୍ନ ଭୋଜନ ଖାଇବାକୁ ।

ଡକ୍ଟର ଶର୍ମାଙ୍କୁ ସେଦିନର ଅନୁଭୂତିରୁ କିଛି କହିଲି । ମୁଁ ଜଳଖିଆ ଖାଇନାହିଁ ବୋଲି କୁତବ୍ ତାଙ୍କୁ କହିବାରୁ ସେ ଚା', ସିଙ୍ଗଡ଼ା ଓ ବିସ୍କୁଟ୍ ଖାଇବାକୁ ଦେଲେ । ତା'ପରେ ଉଚ୍ଚ ଶିକ୍ଷା ଲକ୍ଷ୍ୟ ସଂପର୍କରେ ବକ୍ତୃତାଟିଏ ଦେଲି । ଭଟାଚାର୍ଜୀ (କୋର୍ସର ସଂଯୋଜକ)ଙ୍କ ସହିତ ମଧ୍ୟାହ୍ନ ଭୋଜନ ଖାଇବାକୁ ଗଲି । ସାଥୀରେ ଆମର କୁତବ୍ ମଧ୍ୟ ଖାଇଲା । ସେଠାରେ ଅଧିକାଂଶ ଆମିଷାସୀ । ତେଣୁ ମାଛମାଂସ ଓ ଅଣ୍ଡାର ଖୁବ୍ ଚଳଣି । ତେଣୁ ମୋ ପରି ଶାକାହାରୀଙ୍କ ଖାଦ୍ୟ ଖୁବ୍ ସୀମିତ । ତେବେ ସେମାନେ ମୋ ଯତ୍ନ ନେବାରେ ହେଳା କଲେ ନାହିଁ । ମିଠାଟିଏ ଦେଲେ । କାକୁଡ଼ିପରି ଦିଶୁଥିବା ଗୋଟିଏ ପଦାର୍ଥକୁ କାଟିକରି ଦେଇଥିଲେ । କିନ୍ତୁ ତାହା ଦେଖିବାକୁ ଗଙ୍ଗାକୂଳିଆ ଲେମ୍ବୁପରି । ବରଂ ତା'ଠାରୁ ଲମ୍ବା ।

**ଗୌହାଟୀ ଦର୍ଶନ**

ଡକ୍ଟର ଶର୍ମା ଓ ଦୁଇଜଣ ତାଲିମ ପାଉଥିବା ଅଧ୍ୟାପକଙ୍କ ସହିତ ଗୌହାଟୀ ବଜାରକୁ ଗଲି । ବ୍ରହ୍ମପୁତ୍ର ନଦୀ ପାର୍ଶ୍ୱରେ ବହୁବାଟ ଗଲୁ । ଖୁବ୍ ଏକ ଉଚ୍ଚସ୍ଥାନରେ ଆସାମର ରାଜଭବନ । ତାକୁ ସାମନା କରି ଏକ ତ୍ରିତାରକା ହୋଟେଲ୍ । ତା'ପାଖକୁ ଯାଇ ଦେଖିଲି ବ୍ରହ୍ମପୁତ୍ର ନଦୀର କେଡ଼େ ଶୋଭା । ଦୁଇକୂଳ ଖାଇ ଦେଇ ନଦୀ ଜଳ ଯେକୌଣସି ସମୟରେ ସୀମା ଟପିବାର ଅଶଙ୍କା ।

ସେଠାରୁ ବନ୍ଧୁମାନେ ମୋତେ ନଦୀ ମଧ୍ୟରେ ଥିବା ଏକ ଡୋଟାକୁ ଦେଖାଇ ଦେଲେ । ତା' ହେଉଛି 'ଉମାନନ୍ଦ' । ସେଠାରେ ଏକ ପ୍ରସିଦ୍ଧ ଶିବମନ୍ଦିର ରହିଛି । ଗୋଟିଏ ଛୋଟ ଦ୍ୱୀପ ପରି ବ୍ରହ୍ମପୁତ୍ର ନଦୀ ମଧ୍ୟରେ ତାହା ଅବସ୍ଥିତ । ମହାଦେବଙ୍କ ନାମ ଭସ୍ମାଚଳ । ଦିନେ ମହାଦେବଙ୍କ ଆଖିରୁ ରାଗର ନିଆଁ ବାହାରିଥିଲା । ତାହା କାମଦେବଙ୍କୁ ଜାଳିପୋଡ଼ି ପାଉଁଶ କରିଥିଲା । ଶିବରାତ୍ରୀ ଦିନ ଏଠାରେ ବଡ଼ ମେଳା ହୁଏ । ଏଠାରେ ଥିବା ମନ୍ଦିର ମଧ୍ୟରେ ଅନାଦି ଶିବଲିଙ୍ଗ, ରୂପାର ଷଣ୍ଢ, ପାଞ୍ଚୋଟି ମୁହଁ ଓ ଦଶୋଟି ହାତଥିବା ଉମାନନ୍ଦଙ୍କ ମୂର୍ତ୍ତି ।




ସେହିପରି ବ୍ରହ୍ମପୁତ୍ର ନଦୀ ମଝିରେ ଉମାନନ୍ଦ ଠାରୁ ଦକ୍ଷିଣକୁ ଅଛି ଉର୍ବଶୀକୁଣ୍ଡ । ଏଠାରେ ଗାଧୋଇଲେ ବହୁ ଧର୍ମ ମିଳିଥାଏ । ଗୌହାଟୀର ଉତ୍ତରକୁ ବ୍ରହ୍ମପୁତ୍ରର ଆରପାଖରେ ଅଛି ଅଶ୍ୱକ୍ଳାନ୍ତା ନାମକ ଏକ ସ୍ଥାନ । ଭଗବାନ ବିଷ୍ଣୁ କଚ୍ଛପ ରୂପରେ ଏଠାରେ ଗୋଟିଏ ମନ୍ଦିରରେ ପୂଜା ପାଆନ୍ତି । ପାହାଡ଼ ଉପରେ ଗୋଟିଏ ସ୍ଥାନରେ ନାରାୟଣ ସାପଶେଯରେ ଶୋଇଥିବାର ଦୃଶ୍ୟ । ଏଠାରେ ନାରାୟଣଙ୍କ ପଦଚିହ୍ନ ପଡ଼ିଥିବାର ଦେଖାଯାଏ । ହିନ୍ଦୁମାନେ ଏଠାରେ ପିଣ୍ଡଦାନ କରିଥାନ୍ତି ।

ଗୌହାଟୀରୁ ୧୦ କିଲୋମିଟର ଦୂରରେ ବଶିଷ୍ଠାଶ୍ରମ ନାମକ ଏକ ଦର୍ଶନୀୟ ସ୍ଥାନ ରହିଛି । କାମାକ୍ଷା ପାହାଡ଼ର ବହୁ ପାହାଡ଼ୀ ଝରଣା ଝରି ଆସିଛି । ଜଳପ୍ରପାତ, ଶ୍ୟାମଳ ଗଛଲତା ଇତ୍ୟାଦି ସେଠାରେ ଭରି ରହିଛି । ବଶିଷ୍ଠ ଏଠାକୁ ଗଙ୍ଗାକୁ ବୁହାଇ ଆଣିଥିଲେ । କଣ୍ୱଋଷିଙ୍କ ଆଶ୍ରମ ମଧ୍ୟ ସେଠାରେ ଥିଲା । ଅଶ୍ୱକ୍ଲାନ୍ତାର ପୌରାଣିକ ଗୁରୁତ୍ୱ କହି ଶର୍ମା ଜଣାଇଲେ ଯେ ଶ୍ରୀକୃଷ୍ଣ ରୁକ୍ମିଣୀଙ୍କୁ ସାଥୀରେ ନେଇ ଚାଲିଗଲାବେଳେ ଉକ୍ତ ସ୍ଥାନରେ ତାଙ୍କର ଅଶ୍ୱଟି କ୍ଳାନ୍ତ ହୋଇପଡ଼ିଥିଲା । ସେମାନେ ସେଠାରେ କିଛି ସମୟ ବିଶ୍ରାମ ନେଇଥିଲେ । ଏହି ପବିତ୍ର ସ୍ମୃତିକୁ ଧରି ସେଇ ସ୍ଥାନଟି ପବିତ୍ର ତୀର୍ଥକ୍ଷେତ୍ର ହୋଇଛି ।

ଆମେ ହାଇକୋର୍ଟ ପାଖକୁ ଯାଇ ସେଠାରୁ ପୁଣି ଉମାନନ୍ଦର ଦୃଶ୍ୟ ଦର୍ଶନ କଲୁ । ପ୍ରବଳ ଜଳସ୍ରୋତ । ବହୁ ବଡ଼ ନାବ ଓ ଷ୍ଟିମର ବ୍ରହ୍ମପୁତ୍ର କୂଳରେ ଥାଏ ଏବଂ ଅନେକ ଭାସି ଚାଲିଥାଏ । ସେଠାରୁ ଆମେ ଗୌହାଟୀ ବଜାର ଭିତରକୁ ଯାଇଥିଲୁ । କେତେକ ଦୋକାନ ବଜାର ଦେଖିଲୁ । ମୁଁ ଆସାମୀ ଚା' ଓ ବାଉଁଶ ତିଆରି ହସ୍ତଶିଳ୍ପ କେତୋଟି କିଣିଲି । କିଛି ଜଳଖିଆ ଖାଇବା ପରେ ଟ୍ରେନିଂ ନେଉଥିବା ଅଧ୍ୟାପକମାନେ ମୋତେ ପାନସୁପାରି ଦେଲେ । ଖାଇଲା ପରେ ପାନସୁପାରି ଅତିଥିଙ୍କୁ ଦେବା ଏଠାରେ ଏକ ପ୍ରଥା । ଆଗରୁ ଆମର ବି ଏହି କଥା ଥିଲା । ମୁଁ ତାକୁ ଖାଇ ଗୁଆର କଞ୍ଚାରସ ଢ଼ୋକି ଦେଲି । ତା'ଫଳରେ ଏହା ମୋ ଛାତିରେ ଲାଗି ନିଶ୍ୱାସ ନେବାରେ କି କଷ୍ଟ । ଶ୍ୱାସରୁଦ୍ଧ ହେବା ପରି ଲାଗିଲା । ଗୋଟିଏ ଦୋକାନକୁ ଯାଇ ପାଣି ଗ୍ଲାସେ ପିଇଦେବାରୁ ଟିକିଏ ଭଲ ଲାଗିଲା । କଞ୍ଚା ଗୁଆର ରସ ଭାରି କଷାଳିଆ । ପାଣି ପିଇ ଟିକିଏ ଆଶ୍ୱସ୍ତ ହେଲି ।

**କାମାକ୍ଷା ପୀଠର ମହିମା**

ଆସାମ ବିଶେଷତଃ କାମାକ୍ଷା ପୀଠର ମହିମା ସଂପର୍କରେ ଆମର ବହୁତ ଆଲୋଚନା ହୋଇଥିଲା । ସେ ସଂପର୍କରେ ଏଠାରେ କିଛି ଲେଖିବାର ଲୋଭ ସମ୍ବରଣ କରିପାରୁ ନାହିଁ । ହିନ୍ଦୁ ଧର୍ମରେ ତିନି ପ୍ରଧାନ ଦେବତା ହେଲେ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର । ବ୍ରହ୍ମା ହେଲେ ସୃଷ୍ଟିର ଦେବତା, ବିଷ୍ଣୁ ହେଲେ ପାଳନକର୍ତ୍ତା ଓ ମହେଶ୍ୱର ହେଲେ ଧ୍ୱଂସ



ବା ସଂହାରର ଦେବତା । କିନ୍ତୁ ମହେଶ୍ୱର ସର୍ବଦା ଧ୍ୟାନମଗ୍ନ ହୋଇ ରହିଲେ । ନିଜ କର୍ତ୍ତବ୍ୟରେ ହେଳା କରି ବସିଲେ । ତାଙ୍କର ଧ୍ୟାନ  ଭାଙ୍ଗିବାକୁ ବ୍ରହ୍ମା ଚେଷ୍ଟାକଲେ । ତାଙ୍କର ପ୍ରିୟପୁତ୍ର ଦକ୍ଷଙ୍କର ଏକ ସୁନ୍ଦରୀ କନ୍ୟା ଥିଲେ । ତାଙ୍କର ନାଁ ଥିଲା ସତୀ । ସେ ସେଇ ସତୀଙ୍କୁ ବିବାହ କରି କୈଳାସ ପର୍ବତରେ ବାସ କଲେ ।

ଥରେ ଦକ୍ଷ ଏକ ବିରାଟ ଯଜ୍ଞର ଆୟୋଜନ କଲେ । ମାତ୍ର ମହାଦେବଙ୍କ ବ୍ୟତୀତ ଅନ୍ୟ ସମସ୍ତ ଦେବଦେବୀଙ୍କୁ ସେଥିରେ ଯୋଗ ଦେବାକୁ ନିମନ୍ତ୍ରଣ କଲେ । ମହାଦେବ ସର୍ବଦା ଅଳିଆ ଅସନା ରୂପରେ ଥା'ନ୍ତି । ତାଙ୍କ ଦେହରେ ପାଉଁଶ, ଅଣ୍ଟାରେ ଚର୍ମ,

ବେକରେ ସାପ ଓ ମୁଣ୍ଡରେ ବହୁଳ ଜଟା । ଏପରି ଅବସ୍ଥାରେ ନିଜର ଜ୍ୱାଇଁଙ୍କୁ ସମସ୍ତ ଦେବଦେବୀଙ୍କୁ ଦେଖାଇବାକୁ କେଉଁ ଶ୍ୱଶୁରର ମନ ହେବ ?

କିନ୍ତୁ ସତୀଙ୍କର ଇଚ୍ଛା ସେ କିପରି ସେହି ଯଜ୍ଞରେ ଯୋଗଦେବେ । ମାତ୍ର ନିମନ୍ତ୍ରଣ ପାଇ ନଥିବାରୁ ଶିବ ଏଥିରେ ବାରଣ କଲେ । ହେଲେ ଝିଅର ମନ । ବାପଘରେ ଯେତେବେଳେ ଏତେବଡ଼ ଉତ୍ସବ ହେଉଛି, ସେ ନିମନ୍ତ୍ରଣ ନପାଇଲେ ସୁଦ୍ଧା ଯିବେ । ମହେଶ୍ୱର ବାଧ୍ୟ ହୋଇ ଏଥିରେ ରାଜିହେଲେ ।

ଦକ୍ଷଙ୍କ ରାଜପ୍ରାସାଦରେ ଯଜ୍ଞର ବିରାଟ ଆୟୋଜନ । ବହୁ ଦେବାଦେବୀ ସେଠାରେ ଉପସ୍ଥିତ । ଦକ୍ଷ ସତୀଙ୍କୁ ଦେଖି ଶିବଙ୍କୁ ନିନ୍ଦାକଲେ । ସ୍ୱାମୀଙ୍କର ନିନ୍ଦା ସତୀ ସହିପାରିଲେ ନାହିଁ । ତେଣୁ ସେ ଆତ୍ମହତ୍ୟା କଲେ । ଶିବଙ୍କର ଧ୍ୟାନଭଗ୍ନ ହେଲା । ସେ ଏହା ଜାଣିପାରିଲେ । ତେଣୁ ବିଜୁଳି ବେଗରେ ସେ ଆସି ଦକ୍ଷଙ୍କ ଯଜ୍ଞ ପୀଠରେ ପ୍ରବେଶ କଲେ । ଯଜ୍ଞ ପୀଠକୁ ଭାଙ୍ଗି ଚୂରମାର କରିଦେଲେ । ସତୀଙ୍କ ମୃତ ଦେହକୁ ନିଜ କାନ୍ଧରେ ପକାଇ ସାରା ଭାରତରେ ଘୂରି ବୁଲିଲେ । ସାରା ସୃଷ୍ଟି ଥର ହର ହେଲା । ସେ ପାଗଳ ପରି ନାଚିବାରେ ଲାଗିଲେ । ଏହାକୁ ତାଣ୍ଡବ ନୃତ୍ୟ କୁହାଯାଏ ।

ସମଗ୍ର ସୃଷ୍ଟି ଧ୍ୱଂସ ମୁଖରେ ପଡ଼ିବାର ଆଶଙ୍କା ହେଲା । ବିଷ୍ଣୁ ବିଶେଷ ଚିନ୍ତାମଗ୍ନ ହେଲେ । ସେ ଭାବିଲେ - ସତୀଙ୍କ ମୃତ ଦେହକୁ ମହାଦେବଙ୍କ କାନ୍ଧରୁ ଖସାଇ ନ ପାରିଲେ ତାଙ୍କର ରାଗ ଶାନ୍ତ ହେବ ନାହିଁ । ତେଣୁ ସେ ତାଙ୍କ ଅମୋଘ ଅସ୍ତ୍ର ସୁଦର୍ଶନ ଚକ୍ରକୁ ଆଦେଶ ଦେଲେ । ସେ ସତୀଙ୍କ ମୃତ ଦେହକୁ କାଟି ଛିନ୍ନ ଭିନ୍ନ କରିଦେଲା । ଭାରତର ବିଭିନ୍ନ ଅଞ୍ଚଳରେ ଏହି ଛିନ୍ନ ଅଂଶମାନ ବିଛାଡ଼ି ହୋଇପଡ଼ିଲା ।

ଗୌହାଟୀ ପାଖ ନୀଳ ପର୍ବତ ଉପରେ ସତୀଙ୍କର ପେଟତଳ ଅଂଶଟି ପଡ଼ିଥିଲା । କାମାକ୍ଷା ପାହାଡ଼ ରୂପେ ତାହା ପରେ ପରିଚିତ ହେଲା । କାମାକ୍ଷା ଦେବୀ ସେଠାରେ ପୂଜା ପାଇଲେ । ମହାଦେବ କାନ୍ଧରୁ ସତୀଙ୍କର ମୃତ ଶରୀର ବିଛିନ୍ନ ହୋଇ ପଡ଼ିବାରୁ ସେ କ୍ରମେ ଶାନ୍ତି ହେଲେ । ହିମାଳୟ କୋଳରେ ପୁଣି ସେ ଧ୍ୟାନ କରିବାକୁ ବସିଲେ ।

ସେହି ସମୟରେ ତାରକାସୁର ନାମକ ଏକ ରାକ୍ଷସ ବ୍ରହ୍ମାଙ୍କର ବରପାଇ ଖୁବ୍ ବଳୀୟାନ ହେଲା । ସେ ଧରାକୁ ସରା ମଣିଥିଲା । ସେ ସାରା ସୃଷ୍ଟିକୁ ଧ୍ୱଂସ ମୁଖକୁ ଟାଣିନେଲା । ଏଥିରେ ଦେବଦେବୀମାନେ ମଧ୍ୟ ପ୍ରମାଦ ଗଣିଲେ । ଏହୀ ବିପଦରୁ ମହାଦେବ କେବଳ ରକ୍ଷା କରି ପାରିବେ ବୋଲି ସେମାନେ ଭାବିଲେ । ତାଙ୍କ ଧ୍ୟାନ ଭାଙ୍ଗି ସଂସାର ଜଞ୍ଜାଳରେ ପୁଣି ବାନ୍ଧିବାକୁ ସେମାନେ ଚେଷ୍ଟା କଲେ ।

ସେତେବେଳେ ଥିଲେ ହିମାଳୟଙ୍କର ସ୍ତ୍ରୀ ମେନକା । ଖୁବ୍ ସୁନ୍ଦରୀ । ଏକ ମନମୋହିନୀ କନ୍ୟାକୁ ଜନ୍ମ ଦେବା ପାଇଁ ତାଙ୍କୁ ଦେବଦେବୀମାନେ ପ୍ରାର୍ଥନା କଲେ । ସେହି କନ୍ୟା ହିଁ ପାର୍ବତୀ ନାମରେ ମହେଶ୍ୱରଙ୍କର ପତ୍ନୀ ହେଲେ ତାଙ୍କର ଧ୍ୟାନମଗ୍ନ ହୋଇ ପାରିବ ଏବଂ ସେ ସଂସାର ମାୟାରେ ବାନ୍ଧି ହେବେ । ମାତ୍ର ଶିବ ଆଉ ଘର ସଂସାର କରିବାକୁ ନାରାଜ ।

ଏଣେ ପାର୍ବତୀ ତାଙ୍କୁ ସ୍ୱାମୀ ରୂପେ ବରଣ କରି ସାରିଛନ୍ତି । କାମଦେବ ନିଜ ପତ୍ନୀ ରତିଙ୍କ ସହିତ ସେଠାରେ ପଛିଥିଲେ । ମହାଦେବଙ୍କ ମନରେ ବିବାହ କରିବାର ଇଚ୍ଛା ଜଗାଇବାକୁ ଚେଷ୍ଟା କଲେ । ମାତ୍ର ମହାଦେବ ତାଙ୍କୁ ରାଗରେ ଚାହିଁ ଦେଲେ । ତାଙ୍କ ଆଖିର ନିଆଁରେ କାମଦେବ ପୋଡ଼ି ପାଉଁଶ ହୋଇଗଲେ ।

ମହାଦେବ ପୁଣି ଧ୍ୟାନରେ ବସିଗଲେ । ମାତ୍ର ପାର୍ବତୀ ତାଙ୍କୁ ସ୍ୱାମୀ ରୂପେ ପାଇବାରେ ଅଟଳ । ସେ ନ ଖାଇ ନ ପିଇ ଶିବଙ୍କ ନାମ ଜପିବାରେ ଲାଗିଲେ । ପାର୍ବତୀ ଜୀର୍ଣ୍ଣଶୀର୍ଣ୍ଣ ହେଲେ । ନାରଦଙ୍କ ଉଦ୍ୟମରେ ମହାଦେବ ଶେଷରେ ପାର୍ବତୀଙ୍କୁ ବିବାହ କଲେ ।

ଏଣେ ସ୍ୱାମୀଙ୍କୁ ପାଉଁଶରେ ପରିଣତ ହେବା ଦେଖି ରତି ଅତିଶୟ ଦୁଃଖିତ ହେଲେ । ତାଙ୍କର ଛାତିଫଟା କାନ୍ଦରେ ମହାଦେବଙ୍କ ମନ ଗଭୀର ଦୁଃଖ ଓ ଅନୁତାପରେ ଭରିଗଲା । ସେ ପାଉଁଶଗଦାରୁ ପୁଣି କାମଦେବଙ୍କୁ ନୂଆ ଜନ୍ମ ଦେଲେ । କିନ୍ତୁ ହାୟ, ତାଙ୍କର ପୂର୍ବ ସୌନ୍ଦର୍ଯ୍ୟ କୁଆଡ଼େ ଗଲା ? ତେଣୁ ଉଭୟେ କାମଦେବ ଓ ରତିଦେବୀ

ମହାଦେବଙ୍କୁ ଖୁବ୍ ପ୍ରାର୍ଥନା କଲେ । ମହାଦେବ ତ ଆଶୁତୋଷ ତାଙ୍କ ମନ ଯେମିତି ହଠାତ୍ ବିରକ୍ତ ହୋଇଥାଏ, ସେମିତି ସହଜରେ ସନ୍ତୁଷ୍ଟ ହୋଇଥାଏ । ମହାଦେବଙ୍କ କହିବା ଅନୁସାରେ କାମଦେବ କାମାକ୍ଷା ପାହାଡ଼କୁ ନିର୍ମଳ କଲେ । ସତୀଙ୍କର ଦେହାଂଶ ପଡ଼ିଥିବା ସ୍ଥାନଟି ଉପରେ ବିଶ୍ୱକର୍ମାଙ୍କ ସାହାଯ୍ୟରେ ଏକ ବଡ଼ ମନ୍ଦିର ତୋଳାଇଥିଲେ । କାମକ୍ଷାଦେବୀଙ୍କ ସେବା ପୂଜା ପରେ କାମଦେବ ତାଙ୍କ ପୂର୍ବ ଶୋଭା ଫେରି ପାଇଥିଲେ । ତେଣୁ ଏହି ସ୍ଥାନଟି କାମରୂପ କାମାକ୍ଷା ନାମରେ ସୁପରିଚିତ ହେଲା ।

ସେତେବେଳେ ଜଣେ ବଡ଼ ରାକ୍ଷସ ଥିଲେ । ତାଙ୍କ ନାଁ ଥିଲା ତାରକାସୁର ବା ନାରକାସୁର । ତାଙ୍କର ରାଜଧାନୀ ଥିଲା ପ୍ରାଗ୍ ଜ୍ୟୋତିଷପୁର । ଏବେ ତାହା ଗୌହାଟୀ ନାମରେ ଖ୍ୟାତ । ରାମାୟଣ, ମହାଭାରତ ଓ ତନ୍ତ୍ରପୁରାଣ ପ୍ରଭୃତିରେ କାମରୂପ ମନ୍ତ୍ରଯନ୍ତ୍ର ଓ ତନ୍ତ୍ରର ପ୍ରଧାନ ପୀଠ ବୋଲି ବର୍ଣ୍ଣିତ ହୋଇଛି । ତନ୍ତ୍ର ପୁରାଣରେ ଲେଖାଯାଇଛି ଯେ, ନାରକାରସୁର ରାକ୍ଷସ ହେଲେ ହେଁ ଆର୍ଯ୍ୟ ସଭ୍ୟତା ଓ ସଂସ୍କୃତି ପ୍ରତି ଖୁବ୍ ମନ ଦେଇଥିଲେ । ବିଷ୍ଣୁ ବରାହ ରୂପେ ଜନ୍ମଗ୍ରହଣ କରି ତାଙ୍କ ଉପରେ ସନ୍ତୁଷ୍ଟ ହୋଇଥିଲେ । ତାଙ୍କୁ ପ୍ରାଗ୍ ଜ୍ୟୋତିଷପୁରର ରାଜା କରାଇଥିଲେ ।

ମାଟିମାଆର ଆଶୀର୍ବାଦ ଲାଭ କରି ସେ ଭାରି ବଳଶାଳୀ ହେଲେ । ବିଦର୍ଭ ରାଜାଙ୍କ କନ୍ୟା ମାୟାଙ୍କୁ ସେ ବିବାହ କଲେ । ଦେବ, ବ୍ରାହ୍ମଣମାନଙ୍କର ସେବାଯତ୍ନ କରିଥିଲେ । କାମାକ୍ଷାଦେବୀଙ୍କର ବଡ଼ ଭକ୍ତ ହୋଇଥିଲେ ।


ଦ୍ୱାପରର ଶେଷ ଭାଗରେ ସେଠାରେ ଗୋଟିଏ ରାଜ୍ୟ ଥିଲା । ସେଇ ରାଜ୍ୟର ରାଜା ଥିଲେ ବାଣାସୁର । ତାଙ୍କ ସହିତ ତାରକାସୁରଙ୍କର ଭଲ ସଂପର୍କ ଥିଲା । ତା' ଫଳରେ ଦେବ ବ୍ରାହ୍ମଣଙ୍କ ସହିତ ତାଙ୍କର ସଂପର୍କ ଖରାପ ହେଲା । ବ୍ରହ୍ମାଙ୍କ ବର ଲାଭରେ ସେ ବଳବାନ ହୋଇଥିଲେ । ଦେବତାମାନେ ଭୟଭୀତ ହେଲେ । ସେମାନେ ବ୍ରହ୍ମାଙ୍କ ପାଖରେ ଗୁହାରି କଲେ ।

ବ୍ରହ୍ମା ପରମ ପିତା ମହାମାୟାଙ୍କ ସାହାଯ୍ୟରେ ଏହି ବିପଦରୁ ଉଦ୍ଧାର ପାଇବେ ବୋଲି ପରାମର୍ଶ ଦେଲେ । କାଳିକା ପୁରାଣ ଅନୁସାରେ ଦିନେ ଋଷି ବଶିଷ୍ଠ ମହାମାୟାଙ୍କୁ ସାକ୍ଷାତ କରି ନାରକାସୁରଙ୍କର ଅତ୍ୟାଚାର କଥା ଜଣାଇଲେ । ସେ (ବଶିଷ୍ଠ) ତାଙ୍କୁ ଅଭିଶାପ ଦେଇ କହିଲେ ଯେ ସେ ବଂଚିଥିଲା ଯାଏ କାମାକ୍ଷା ଦେବୀଙ୍କ ଦର୍ଶନ ଲାଭ କରିପାରିବେ ନାହିଁ । ମହାମାୟା ଏକ ମାୟାର କୁହୁଡ଼ି ସୃଷ୍ଟି କଲେ । ତା' ମଧ୍ୟରେ ବିଷ୍ଣୁ ନାରକାସୁରଙ୍କୁ ହତ୍ୟା କଲେ । ତାଙ୍କର ମୃତ୍ୟୁ ପରେ ରାଜ୍ୟ ଖଣ୍ଡ ବିଖଣ୍ଡିତ ହୋଇଗଲା ।

କୁଚବିହାରର ରାଜା ଦେବୀ କାମାକ୍ଷାଙ୍କ ପୀଠର ବହୁ ଉନ୍ନତି କରିଥିଲେ । ତାଙ୍କର ମହିମା ପ୍ରଚାରରେ ସେ ବହୁ ପଦକ୍ଷେପ ନେଇଥିଲେ । କାମଦେବ ଗଢ଼ିଥିବା ମନ୍ଦିର ଭାଙ୍ଗି ପଡ଼ିଥିଲା । ନୀଳାଚଳ କାମାକ୍ଷାପାହାଡ଼ରେ ଦେବୀଙ୍କ ପୂଜାରଜା ସବୁ ବନ୍ଦ ହୋଇଯାଇଥିଲା । ତାହା ପୁଣି କିପରି ବିକାଶ ଲାଭ କରିଥିଲା, ସେ ସଂପର୍କରେ ଏକ କାହାଣୀ ରହିଛି ।

**ଇତିହାସରେ କାମାକ୍ଷା**

୧୪୯୦ ମସିହାର ଏକ ଘଟଣା । ମହାରାଜା ବିଶ୍ୱସିଂହ ଆହୋମ ରାଜାଙ୍କ ବିରୁଦ୍ଧରେ ଯୁଦ୍ଧ ଘୋଷଣା କଲେ । ଯୁଦ୍ଧ ଯାତ୍ରା ହେଲା । ଥରେ ଭୟଙ୍କର ଘନ ଜଙ୍ଗଲ ମଧ୍ୟରେ ସେ ଓ ତାଙ୍କ ଭାଇ ଶିବସିଂହ ବାଟବଣା ହୋଇଗଲେ । ସେମାନେ ସୈନ୍ୟମାନଙ୍କ ଠାରୁ ଅଲଗା ହୋଇଗଲେ । ସେମାନେ ନୀଳାଚଳ ପାହାଡ଼କୁ ଆସିଲେ । ଖୁବ୍ ଭୋକ ଶୋଷରେ ସେମାନେ ଅସ୍ଥିର ହୋଇ ପଡ଼ିଲେ । କିପରି ସେହି ଜଙ୍ଗଲରୁ ଉଦ୍ଧାର ପାଇବେ, ତା'ର ଉପାୟ ପାଇଲେ ନାହିଁ । ଦେବୀଙ୍କୁ ପୂଜା କଲେ । ଅନ୍ଧାର ମଧ୍ୟରେ ଆଲୁଅର ରେଖା ଖେଳିଗଲା । ଦୈବୀଶକ୍ତି ବଳରେ ସେମାନେ ଜଳ ଓ ଖାଦ୍ୟ ପାଇଲେ । ଗୋଟିଏ ଗଛ ମୂଳରେ ଶାନ୍ତିରେ ଶୋଇଗଲେ । ଗୋଟିଏ ବୁଢ଼ୀ ଆସି ସେଠାରେ ଦେବୀଙ୍କ ପୂଜା କଲେ । ସେ କହିଲେ ଯେଉଁ ଲୋକ ପବିତ୍ର ଭକ୍ତି ଭାବରେ



ଏଠାରେ ପୂଜା ଆରାଧନା କରିବ, ତା'ର ମନସ୍କାମନା ପୂର୍ଣ୍ଣ ହେବ । ଏହା ଶୁଣି ସେମାନେ ବସିପଡ଼ି ଦେବୀଙ୍କ ପ୍ରାର୍ଥନା କରିଥିଲେ ।


କାମାକ୍ଷାଙ୍କ କଲ୍ୟାଣରୁ ସୈନ୍ୟମାନଙ୍କ ସହିତ ସେମାନଙ୍କର ସାକ୍ଷାତ ହେଲା । ସେମାନଙ୍କ ରାଜ୍ୟ ବିପଦମୁକ୍ତ ହେଲା । ଲୋକମାନେ ସୁଖୀ ଓ ଧନୀମାନୀ ହେଲେ । କିପରି ସେ ଦେବୀଙ୍କର ଉପକାର ସୁଝିବେ ପଚାରିବାରୁ ସେ ଛାଗବଳି, ସିନ୍ଦୁର, କର୍ପୂର, ପୁଷ୍ପ, ରକ୍ତବର୍ଣ୍ଣର ବସ୍ତ୍ର ଇତ୍ୟାଦି ସମର୍ପଣ କରିବାକୁ ପରାମର୍ଶ ଦେଲେ । ରାଜା ସୁଖଶାନ୍ତିରେ ରାଜ୍ୟ ଶାସନ କଲେ । ପଣ୍ଡିତମାନଙ୍କ ସହ ପରାମର୍ଶ କରି ଦେବୀଙ୍କ ମହିମା

ବିସ୍ତାରରେ ମନ ଦେଲେ । ସେ ପ୍ରଥମେ ଦେବୀଙ୍କ ପାଇଁ ଗୋଟିଏ ଇଟାର ମନ୍ଦିର ତୋଲାଇଥିଲେ । ଗୋଟିଏ ସୁନାର ମନ୍ଦିର ନିର୍ମାଣ କରିବାକୁ ଦେବୀ ଆଦେଶ ଦେଲେ । ମାତ୍ର ତାହା କରିବା ରାଜାଙ୍କ ପକ୍ଷେ ସମ୍ଭବ ହେବ ନାହିଁ ବୋଲି ଜଣାଇଲେ । ତାଙ୍କୁ ସେଥିପାଇଁ ସ୍ୱପ୍ନରେ ନିର୍ଦ୍ଦେଶ ହେଲା ପ୍ରତି ଇଟା ଉପରେ ରତିଏ ସୁନା ରଖ । ତା' ଉପରେ ଆଉ ଏକ ଇଟା ବସାଇ ମନ୍ଦିର ନିର୍ମାଣ କର ।

ଏକ ସୁନ୍ଦର ମନ୍ଦିର ଗଢ଼ି ଉଠିଲା । ସେଠାରେ ଦେବୀ କାମାକ୍ଷା ପୂଜା ପାଇଲେ । ମହାରାଜା ବିଶ୍ୱସିଂହଙ୍କ ପରେ ତାଙ୍କ ପୁଅ ନରନାରାୟଣ ରାଜୁତି କଲେ । ତାଙ୍କ ଭାଇ ମହାବୀର ଚିଲାରାୟଙ୍କୁ ସେ ସେନାପତି  କରିଥିଲେ । ସେ ଅନ୍ୟତ୍ର ଯୁଦ୍ଧରେ ନିଯୁକ୍ତି ଥିଲାବେଳେ କଳାପାହାଡ଼ ଆକ୍ରମଣ କରିଥିଲା । ବଙ୍ଗର ନବାବ ସୁଲେମାନଙ୍କ ଦ୍ୱାରା ଚିଲାରାୟ ବନ୍ଦୀ ହୋଇଥିଲେ । ସେ ମହାମାୟାଙ୍କୁ ମନେ ପକାଇଲେ । ସ୍ୱପ୍ନରେ ତାଙ୍କୁ ଜଣାଇ ଦିଆଗଲା ନବାବଙ୍କ ମାଆଙ୍କୁ କାଲି ସାପ କାମୁଡ଼ିବ । ରାଜ୍ୟର ସବୁ ଡାକ୍ତର କବିରାଜ ତାଙ୍କୁ ଭଲ କରିବାରେ ଲାଗିବେ । ଶେଷରେ ସେମାନେ ଫେଲ୍ ମାରି ତୁମ ପାଖକୁ ଆସିବେ । ତୁମେ ତାଙ୍କୁ ଭଲ କରିବ ।

ସତକୁ ସତ ତା' ଆରଦିନ ନବାବଙ୍କ ମା'ଙ୍କୁ ସାପ କାମୁଡ଼ିଦେଲା । ଚିଲାରାୟଙ୍କ ଚିକିତ୍ସାରେ ସେ ଭଲ ହେଲେ । ସେଦିନଠାରୁ ଚିଲାରାୟଙ୍କ ସହିତ ନବାବଙ୍କର ସଦ୍‌ଭାବ ବଢ଼ିଥିଲା । ଚିଲାରାୟ ନିଜ ସୈନ୍ୟମାନଙ୍କ ସହିତ ନିଜ ରାଜ୍ୟକୁ ଫେରିଥିଲେ । ରାଜା ମନ୍ଦିରର ମରାମତି କଲେ ଭଲ ଭାବରେ ତାଙ୍କର ପୂଜାରଜାର ବ୍ୟବସ୍ଥା କଲେ । ସେଥିପାଇଁ ମଧ୍ୟ ବହୁ ଜମିବାଡ଼ି ଖଞ୍ଜିଥିଲେ ।

ଏହିପରି ବହୁ  ରାଜାଜମିଦାରଙ୍କ ସାହାଯ୍ୟ ଓ ଜନସାଧାରଣଙ୍କ ସ୍ନେହ ଓ ଭକ୍ତିବଳରେ କାମାକ୍ଷା ପୀଠରେ ବହୁ ଉନ୍ନତି ହେଲା । ଆସାମରେ ଏକ ବଡ଼ ଘଟଣା ହେଲା ଏଠାର ରାଜା ପ୍ରଜାମାନଙ୍କର ଧର୍ମ ଭାଷା ଓ ଚଳଣି କରି ନେଇଥିଲେ । ଆକ୍ରମଣ କରିବାକୁ ଆରୋହୀମାନେ ଏଠାରେ ଶାସକ ହୋଇଥିଲେ । ସେମାନେ ଆସାମର



ସାହିତ୍ୟ, ଭାଷା  ଓ ଧର୍ମର ଉନ୍ନତିରେ ସହାୟକ ହୋଇଥିଲେ । ଶଙ୍କରଦେବ ଆଦି କେତେକ ସାଧୁସନ୍ଥଙ୍କ ଉଦ୍ୟମରେ ଆସାମରେ ବୈଷ୍ଣବଧର୍ମ ଅତି ଲୋକପ୍ରିୟ ହୋଇଥିଲା । ଜନସାଧାରଣଙ୍କ ମଧ୍ୟରେ ଏହା ଆଦର ଲାଭ କରିଥିଲା ।

### ଗୌହାଟୀରୁ ଫେରିଲି

ଅଗଷ୍ଟ ୪ ତାରିଖ । ଭୋର ୪ଟାରୁ ଉଠି ନିତ୍ୟକର୍ମ ସାରିଦେଲି । ଏତେ ଭୋରରୁ ବାହାରଟା କେତେ ଫରଚା ଦିଶିଲାଣି । ଅତିଥିଭବନର ହତାରେ ବୁଲାଚଲା କଲି । ସାଢ଼େ ୪ଟାରେ କୁତବ୍ କାର୍ ଆଣି ପହଞ୍ଚିଗଲା । ଆମେ ସାଥୀ ହୋଇ କାମାକ୍ଷା ଷ୍ଟେସନକୁ



ଗଲୁ । ପ୍ରଥମ ଶ୍ରେଣୀରେ ଟିକେଟ୍ ସହଜରେ ମିଳିନଥିଲା । ରାଜର୍ଷି ଭଟ୍ଟାଚାର୍ଜୀ ବାବୁଙ୍କ ସ୍ୱତନ୍ତ୍ର ଚେଷ୍ଟାରେ ଅତି ବଡ଼ ଲୋକ ବା ଅଧିକାରୀଙ୍କ ପାଇଁ ଭି.ଆଇ.ପି. କୋଟାରୁ ଗୋଟିଏ ସିଟ୍ ମିଳିଥିଲା । ପୂର୍ବଦିନ ସନ୍ଧ୍ୟାରେ ଆସି ତା'ର ବ୍ୟବସ୍ଥା କରାଯାଇଥିଲା । ରିଜର୍ଭେସନ ଚୂଡ଼ାନ୍ତ କରାଯାଇଥିଲା । ସେଠାରେ ସିଂହବାବୁ ନାମକ ଜଣେ ଓଡ଼ିଆ ଭଦ୍ରଲୋକ ଦୂର ସଂଚାରଣ ବା ଟେଲିକମ୍ୟୁନିକେସନ ଇଂଜିନିୟର ଭାବେ ଯୋଗଦେଇଥିଲେ ।

କୁତବ୍‌କୁ ୧୦ ଟଙ୍କା ବକ୍ସିସ୍ ଦେଇ ବିଦାୟ ନେଲି । ମୁଁ ଷ୍ଟେସନ ଭିତରେ ଯାଇ ପ୍ଲାଟଫର୍ମରେ ଟ୍ରେନ୍‌କୁ ଅପେକ୍ଷା କଲି । ଜଣେ ତେଲଙ୍ଗା ଭଦ୍ରଲୋକ ପହଞ୍ଚିଲେ । ସେ ଓଡ଼ିଶାର ସୀମାନ୍ତ ଅଞ୍ଚଳ ଇଚ୍ଛାପୁର ପାଖରେ ରହନ୍ତି । ଏବେ ପିଲାମାନେ ବ୍ରହ୍ମପୁର ଠାରେ ରହି ପଢ଼ାପଢ଼ି କରୁଛନ୍ତି । ତାଙ୍କ ବାପା ଜଣେ ରେଲୱେ କର୍ମଚାରୀ ଭାବରେ ୩୦ ବର୍ଷ କାଳ ଏଠାରେ କଟାଇଥିଲେ । ଏଠାରେ ମଧ୍ୟ ତାଙ୍କର କ୍ୟାନସରରେ ଅକାଳ ମୃତ୍ୟୁ ହୋଇଥିଲା । ଷ୍ଟେସନର କର୍ମଚାରୀଗଣ ମିଳିମିଶି ବ୍ରହ୍ମପୁତ୍ର ନଦୀ କୂଳର ଏକ ଶ୍ମଶାନରେ ଦାହ କରିଥିଲେ । ବାପାଙ୍କ ମୃତ୍ୟୁପରେ ତାଙ୍କୁ ସେଇ ଚାକିରିଟି ମିଳିଛି ।


କୋଚିନ୍ ଏକ୍ସପ୍ରେସ୍ ଠିକ୍ ସମୟରେ ଆସିଲା । ଟିକେଟ୍ କଲେକ୍ଟରଙ୍କୁ ମୋର ନାଁ ଓ ସିଟ୍ ନମ୍ବର କହିଲାମାତ୍ରେ ଟିକିଏ ଚମକି ପଡ଼ିଲେ । କୌଣସି ମନ୍ତ୍ରୀ ବା ବଡ଼ ଅଫିସରଙ୍କର ଲୋକ ବୋଲି ମୋତେ ଭାବିନେଲେ । ନିଜେ ଆସି ମୋତେ ମୋର ସିଟିରେ ବସାଇ ଦେଲେ । ତାପରେ ଆସି ମୋର ଜଳଖିଆ ଓ ମଧ୍ୟାହ୍ନ ଭୋଜନ କଥା ବୁଝିଥିଲେ । ମୁଁ ମାଛ ମାଂସ ଖାଏ ନାହିଁ ବୋଲି କହିବାରୁ ସେ ମୋ ପାଇଁ ସାଦା ଖାଦ୍ୟର ବ୍ୟବସ୍ଥା କରିଦେଲେ ।

ଠିକ୍ ୫ଟା ୧୫ ମିନିଟ୍‌ରେ ଟ୍ରେନ୍ ଛାଡ଼ିଲା । କାମାକ୍ଷା ପରେ ରଙ୍ଗିୟା ଓ ତାପରେ ପାଠଶାଳା ବୋଲି ଏକ ଷ୍ଟେସନ ପଡ଼ିଲା । ବ୍ରହ୍ମପୁତ୍ର ନଦୀ ଜଳପୂର୍ଣ୍ଣ । ପାହାଡ଼ କୋଳରେ ବଙ୍କାଟଙ୍କା ହୋଇ ସେ ବହି ଯାଇଛି । ବହୁ ନାଆ ଭାସୁଛି । ଗାଁ ଗଣ୍ଡା ମଝିରେ ମଝିରେ ପଡ଼େ । ନଡ଼ିଆ, କଦଳୀ, ଗୁଆ, ବାଉଁଶ ଆଦି ଗଛଲତାରେ ସେ ସବୁ ଭରପୂର । ଚଉଦିଗର ପରିବେଶ ଖୁବ୍ ସୁନ୍ଦର, ଖୁବ୍ ସବୁଜ !

ବାରପେଟା ରୋଡ଼ ଷ୍ଟେସନ ପଡ଼ିଲା । ଏକ ବଡ଼ ବ୍ୟବସାୟ କେନ୍ଦ୍ର । ବଡ଼ ବଡ଼ ଗୁଆର ଗୋଦାମମାନ ଦେଖିବାକୁ ମିଳେ । ବୋଙ୍ଗାଇଗାଓଁ ଷ୍ଟେସନରେ ବହୁ ସମୟ ଟ୍ରେନ୍‌ଟି ରହିଲା । ସେଠାରେ ପାଚିଲା ସପୁରୀର ଚୋପାକୁ ଛଡ଼ାଇ ଅଧାକୁ ଦୁଇ ଟଙ୍କାରେ

ବିକୁଥିଲେ । କିଣିଲି ଭଲ ଲାଗିଲା । ପାଚିଲା କଦଳୀ ମଧ୍ୟ ମିଳିଲା । ଡଜନ ୫/୬ ଟଙ୍କା । ଷ୍ଟେସନରେ ବହୁ ସଂଖ୍ୟାରେ କଞ୍ଚା କଦଳୀ କାନ୍ଦିମାନ ଗଦା ହୋଇଥିଲା । ସମ୍ଭବତଃ ସେଠାରୁ ବାହାରକୁ ପଠାଯାଏ । ତା'ପରେ ଟ୍ରେନ୍ ଯାଇ କୋକ୍ରାଝରର ଠାରେ ପହଞ୍ଚିଲା । ବୋଡ଼ୋମାନଙ୍କର ପ୍ରଧାନ କର୍ମସ୍ଥଳ । ପୋଲିସ୍ ଓ ନିରାପତ୍ତା ରକ୍ଷୀମାନେ ବହୁ ସଂଖ୍ୟାରେ ଜଗି ରହିଥିଲେ ।

୧୨ଟା ବାଜିଲା । ସମସ୍ତଙ୍କୁ ମଧ୍ୟାହ୍ନ ଭୋଜନ ମିଳିଲା । ମୋର କାହିଁ ପଚାରିବାରୁ ଟିକେଟ କଣ୍ଡକ୍ଟରବାବୁ କହିଲେ ''ସ୍ୱତନ୍ତ୍ର ଭାବରେ ପ୍ରସ୍ତୁତ ହୋଇ ଆସୁଛି ।



ଆପଣଙ୍କର ପୂରା ନିରାମିଷ ଖାଦ୍ୟ ତ !'' ସତକୁ ସତ କିଛି ସମୟ ପରେ ମୋର ଭୋଜନ ପାଇଁ ଖାଦ୍ୟ ଆସିଗଲା । ମୁଁ କେରଳର ରାଜଧାନୀ ତ୍ରିଭେନ୍ଦ୍ରମ୍‌ରେ ଖାଇଥିବା ଖାଦ୍ୟପରି ଲାଗିଲା । ଖାଦ୍ୟ ଭଲ ଲାଗିଲା । କଣ୍ଟକ୍ଟରବାବୁଙ୍କୁ ସାଧୁବାଦ ଜଣାଇଲି ।


**ଦୁଇ ପାଖରେ ଖେତ ଖମାର**

ନିଉକୁଚ ବିହାର ପଡ଼ିଲା । ବଙ୍ଗଳା ମଧ୍ୟରେ ଟ୍ରେନ ଚାଲିଲା । ତିସ୍ତାନଦୀ ଅତିକ୍ରମ କଲୁ । ଖୁବ୍ ବଡ଼ ନଦୀଟିଏ । ଜଲପାଇଗୁଡ଼ି ପରେ ନିଉଜଲପାଇଗୁଡ଼ି ଷ୍ଟେସନ ପଡ଼ିଲା । କଣ୍ଟକ୍ଟରବାବୁ ସେଠାରେ ମୋ ଠାରୁ ବିଦାୟ ନେଲେ । ମୁଁ ସିଟ୍‌ରୁ ଉଠି ତାଙ୍କ ହାତରେ ମୋ ହାତ ମିଳାଇଲି ।

ବହୁ ସଂଖ୍ୟାରେ ସପୁରୀ ସେଠାରେ ବିକ୍ରୀ ହେଉଅଛି । ସେଥିରୁ କିଛି କିଣିଦେଲି । ଦିଗହଜା ସପୁରୀ କ୍ଷେତମାନ ଲମ୍ବିଯାଇଥିଲା । ପ୍ରଥମେ ମୁଁ ତ ତାହା ସପୁରୀ କିଆରୀ ବୋଲି ଜାଣିପାରି ନଥିଲି । ସ୍ଥାନୀୟ ଯାତ୍ରୀମାନଙ୍କୁ ପଚାରି ଏହା ବୁଝିଲି । ବାଉଁଶ ଗଛ ମଧ୍ୟ ଲଗାଇ ବଡ଼ ବଡ଼ କିଆରି କରାଯାଇଛି । ସପୁରୀ, ବାଉଁଶ ପ୍ରଭୃତିର କ୍ଷେତ ମୋ ପାଇଁ ନୂଆ ଥିଲା ।

ନଳିତା ଚାଷ ପରେ ଧାନ ଚାଷର ଆୟୋଜନ ଚାଲିଛି । ଗାଈ ମଇଁଷି ଦଳ ଦଳ ହୋଇ ଚରୁଛନ୍ତି । ଗାଈଆଳ ପିଲା ମଇଁଷି ଉପରେ ବସିଛନ୍ତି ଖୁବ୍ ଆରାମରେ । ଗୋଟିଏ ଜାଗାରେ ଦେଖିଲି ଦୁଇଟି ପିଲା ଗୋଟିଏ ବଡ଼ ମଇଁଷି ପିଠିରେ ବସି ତାସ ପାଲି ପକାଉଛନ୍ତି । ମଇଁଷି ନିଶ୍ଚିନ୍ତରେ ତା'ର ଚରିବାରେ ଲାଗିଛି । ଧାଇଁଥିବା ବସ୍‌ଗୁଡ଼ିକର ଛାତ ଉପରେ ଯାତ୍ରୀମାନେ ବସିଛନ୍ତି । କିଶାନଗଞ୍ଜ ଠାରେ ତ ଦେଖିଲି ଟ୍ରେନ୍ ଛାତ ଉପରେ ଶହ ଶହ ଲୋକ ବସିଛନ୍ତି । ରେଳ ରାସ୍ତାକଡ଼ରେ ଆକାଶିଆ ଗଛ ଗୁଡ଼ିକର ଶୋଭା ଖୁବ୍ ସୁନ୍ଦର ଦିଶୁଛି । ନାଲି ନଳିତା କିଆରୀର ଶୋଭା ଭାରି ଭଲ ଲାଗିଲା ।

ମାଲଦା ଠାରେ ଟ୍ରେନ୍ ରହିଲା । ସେତେବେଳେ ସନ୍ଧ୍ୟା ୮ଟା । କିଛି ଆମ୍ବ କିଣିଲି ।



ଘଣ୍ଟାକ ପରେ ଯାହା କିଛି ରାତ୍ରିଭୋଜନ କରି ବିଶ୍ରାମ ନେଲି । ହାଓଡ଼ା ଷ୍ଟେସନରେ ଭୋର ହେଲା । ନିତ୍ୟକର୍ମ ସାରି ସେଠାରେ ଉଠିଥିବା ଓଡ଼ିଆ ଯାତ୍ରୀମାନଙ୍କ ସହ ସୁଖ ଦୁଃଖ ହେଲି । ଶୁଣିଲି, ବାଲେଶ୍ୱର ପାଖରେ ଗତକାଲି ଗୋଟିଏ ଦୁର୍ଘଟଣା ଘଟିଥିଲା । ସେଥିପାଇଁ ଧଉଳି ଏକ୍ସପ୍ରେସ୍ ବନ୍ଦ ହୋଇଛି ।

ପରିଚିତ ଅଞ୍ଚଳ ମଧ୍ୟରେ ଟ୍ରେନ୍ ଆଗେଇ ଚାଲିଲା । ଶ୍ୟାମଳ ଧାନକ୍ଷେତ, ନଦୀନାଳ, ବଣପାହାଡ଼, ଧାଇଁଛନ୍ତି ସତେ ଯେମିତି, ଓଡ଼ିଶାର ଗାଁ ଗଣ୍ଡାରେ ଥିବା ଟୁବି ଗଡ଼ିଆ, ବାଡ଼ି ବଗିଚା, ବାଉଁଶ ବଣ, ନଳିତା କିଆରୀ, ପାଠଶାଳା ଆଦି ମନରେ ଆନନ୍ଦ ଭରିଦେଲା । ଭୁବନେଶ୍ୱର ଠାରେ ଟ୍ରେନ୍ ଅପରାହ୍ନ ଗୋଟାଏ ବେଳେ ପହଞ୍ଚିଲା । ଆମେ ସବୁ ନିଜ ନିଜ ବାଟରେ ଘରବାହୁଡ଼ା ହେଲୁ ।